ଆଜି - ବୁଧବାର
ତାରିଖ - ୦୩ ଜୁନ୍ ୨୦୨୬
ମାସ - ବୃଷ, ଦିନ - ୨୦
ତିଥି - ତୃତୀୟା, ପକ୍ଷ- କୃଷ୍ଣ
ନକ୍ଷତ୍ର - ପୂର୍ବାଷାଢ଼ା, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୧୧:୦୦
ସୂର୍ଯ୍ୟାସ୍ତ - ୬ : ୧୮ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ନିଜର ପଡ଼ୋଶୀମାନଙ୍କୁ ନିଜ ଭଳି ଭଲପାଅ, କାରଣ ତୁମେ ନିଜେ ହିଁ ତୁମର ପଡ଼ୋଶୀ । ତୁମର ପଡ଼ୋଶୀ ତୁମେ ନିଜେ ନୁହେଁ, ଅନ୍ୟ କେହି ବୋଲି ଭାବିବା ତୁମର ଭ୍ରମ ।"
- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

E-mail: ajikalibls@gmail.com
E-News : www.Ajikali epaper.com

Vol.- 41 ISSUE- 50 R.N.I. REGD. No. 44026/86 ବାଲେଶ୍ୱର ୦୩ ଜୁନ୍ ୨୦୨୬ ବୁଧବାର BALASORE 03 JUNE 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

## ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଜୁନ୍ ୨୦ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ





ଭୁବନେଶ୍ୱର : ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମଙ୍ଗଳବାର ଦିନ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରୁ ଜଣାଯାଇଛି ଯେ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅବସରରେ ଓଡିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

## ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆସନ୍ତା ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେବେକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୁଧବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ମିଟିଂରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ତେଣୁ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ଗୁରୁତ୍ୱ ପ୍ରକାଶ କରିଛନ୍ତି ମୋହନ ମାଝୀ । ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ଓଡିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

## ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱ ଉପରେ ଡିଜିଟାଲ ବହି ଉନ୍ମୋଚନ କଲେ ଉପ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଆଜି ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱକୁ ବୁଝାଉଥିବା ଏକ ସରଳ 'ଡିଜିଟାଲ ବହି'ର ଉନ୍ମୋଚନ କରିଛନ୍ତି । ଏହା ସହିତ ଅତିଶୟ କମ୍ ଓଜନ ଥିବା ଶିଶୁ ଏବଂ ଅଙ୍ଗନୱାଡ଼ି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖିଆ ବାବଦ ଖର୍ଚ୍ଚକୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ କରିଛନ୍ତି । ରାଜ୍ୟର ୬ ମାସରୁ ୬ ବର୍ଷ ବୟସର ଅତିଶୟ କମ୍ ଓଜନ ଥିବା ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପରିପୂରକ ପୁଷ୍ଟି ଖାଦ୍ୟର ଦୈନିକ ଖର୍ଚ୍ଚକୁ ୮ ଟଙ୍କାରୁ ୧୨ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ସହିତ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଅଧୀନରେ ଅତିରିକ୍ତ ୬ ଟଙ୍କା ପ୍ରଦାନ କରାଯାଉଛି । ଫଳସ୍ୱରୂପ, ବର୍ତ୍ତମାନ ଏହି ଶିଶୁମାନଙ୍କୁ ପ୍ରତିଦିନ ସର୍ବମୋଟ ୧୮ ଟଙ୍କାର ଖାଦ୍ୟ ଯୋଗାଇ ଦିଆଯିବ । ରାଜ୍ୟର ପ୍ରାୟ ୩୫,୦୦୦ ଅତିଶୟ କମ୍ ଓଜନର ଶିଶୁ ଏହି ସୁବିଧାର ସିଧାସଳଖ ଲାଭ ପାଇବେ ଏବଂ ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୧୦.୭ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବେ । ଅନୁରୂପ ଭାବେ, ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରାକ୍-ବିଦ୍ୟାଳୟ ଶିଶୁ (୩ ବର୍ଷରୁ ୬ ବର୍ଷ ବୟସ)ମାନଙ୍କ ସକାଳ ଜଳଖିଆ ବାବଦକୁ ଦୈନିକ ଖର୍ଚ୍ଚ ୧.୨୪ ଟଙ୍କାକୁ ବୃଦ୍ଧି କରାଯାଇ ୩.୫୬ ଟଙ୍କା କରାଯାଇଛି । ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ସକାଳ ଜଳଖିଆ ବାବଦକୁ ସରକାର ନିଜସ୍ୱ ବଜେଟ୍ ?ରୁ ବାର୍ଷିକ ପ୍ରାୟ ୧୨୬.୮୩ କୋଟି ଟଙ୍କା ଅତିରିକ୍ତ ବ୍ୟୟଭାର ବହନ କରିବେ । ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ଶିଶୁର ସାମଗ୍ରିକ ବିକାଶ ପାଇଁ ଜୀବନର ପ୍ରଥମ ୧୦୦୦ ଦିନ (ଗର୍ଭ ସଂଚାର ଠାରୁ ଆରମ୍ଭ କରି ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ବହିରେ ଓଡ଼ିଆ ଭାଷାରେ ଅତି ସରଳ ଭାବରେ ଜୀବନର ପ୍ରଥମ ୧୦୦୦ ଦିନର ପ୍ରତିଟି ସ୍ତର ଏବଂ ତାର ଯତ୍ନ ବିଷୟରେ ବୁଝାଇ ଦିଆଯାଇଛି । ଅଙ୍ଗନବାଡି ଦିଦିମାନେ ନିଜର ଗୃହ ପରିଦର୍ଶନ ସମୟରେ ଏହି ବହିଟିକୁ ବ୍ୟବହାର କରି ହିତାଧିକାରୀମାନଙ୍କୁ ସଚେତନ କରିବେ । ଏଥି ସହିତ ସମସ୍ତ ହିତାଧିକାରୀଙ୍କ ପାଖରେ ଏହି ଡିଜିଟାଲ ବହିଟିକୁ ରାଜ୍ୟର ସମସ୍ତ ଅଙ୍ଗନବାଡି କର୍ମୀଙ୍କ ମାଧ୍ୟମରେ ଓ ସୋସିଆଲ ମେଡିଆ ଦ୍ୱାରା ପହଂଚାଇବା ପାଇଁ ପ୍ରୟାସ କରାଯାଇଛି ।



## ଅଳ୍ପରେ ଖବର

- ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି ।
- ରାଜ୍ୟରେ ପୁଣି ଥରେ ବସ୍ ଭଡା ବୃଦ୍ଧି ପାଇଛି । ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୨ ପଇସା ବଢ଼ିଛି । ଅର୍ଡିନାରୀ ବସ୍ ଭଡ଼ା କିମି ପିଛା ୯୦ ପଇସାରୁ ୯୨ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ପାଇଛି ।
- ପ୍ରାଣକୃଷ୍ଣ ପରିଜାଙ୍କ ପୁଣ୍ୟତିଥିରେ ତାଙ୍କୁ ନମନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ବୈଜ୍ଞାନିକ ତଥା ଶିକ୍ଷାବିତ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
- ରାଜ୍ୟପାଳ ଡ.ହରିବାବୁ କମ୍ଭପତି ତେଲେଙ୍ଗାନା ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## କୃଷି ଭବନରେ ଫସଲ ରଣନୀତି, ବିହନ ବ୍ୟବସ୍ଥା ସମ୍ପର୍କିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କଲେ ମନ୍ତ୍ରୀ ଶିବରାଜ ସିଂହ ଚୌହାନ




ନୂଆଦିଲ୍ଲୀ : ମଙ୍ଗଳବାର ଦିନ କୃଷି ଭବନରେ ଦକ୍ଷିଣ-ପଶ୍ଚିମ ମୌସୁମୀ, ସମ୍ଭାବ୍ୟ ଏଲ୍ ନିନୋ ପ୍ରଭାବ, ଜଳ ଉପଲବ୍ଧତା, ବିହନ ବ୍ୟବସ୍ଥା , ଫସଲ ରଣନୀତି ଏବଂ ରାଜ୍ୟଗୁଡ଼ିକର ପ୍ରସ୍ତୁତିର ଏକ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏହି ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସମସ୍ତ ସମ୍ପୃକ୍ତ କେନ୍ଦ୍ରୀୟ ବିଭାଗ ଏବଂ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଅଗ୍ରୀମ ଯୋଜନା ସହିତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକ ପରେ ଚୌହାନ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ କୃଷକମାନେ ଭୟଭୀତ ହେବାର ଆବଶ୍ୟକତା ନାହିଁ କାରଣ ମୋଦୀ ସରକାର ସମ୍ପୂର୍ଣ୍ଣ ସତର୍କତାର ସହ ପ୍ରସ୍ତୁତି କରୁଛନ୍ତି ଏବଂ ଏହାର ଉଦ୍ଦେଶ୍ୟ ହେଉଛି ଯେ ପାଣିପାଗ ଆହ୍ୱାନର ପ୍ରଭାବ କୃଷି ଏବଂ କୃଷକଙ୍କ ଉପରେ ସର୍ବନିମ୍ନ ରହିବ । ସେ କହିଥିଲେ ଯେ କୃଷକମାନଙ୍କ ସ୍ୱାର୍ଥ ସର୍ବାଗ୍ରେ ରହିଛି ଏବଂ ସମ୍ଭାବ୍ୟ ଏଲ୍ ନିନୋ ପ୍ରଭାବକୁ ଦୃଷ୍ଟିରେ ରଖି ସମସ୍ତ ଆବଶ୍ୟକୀୟ ପ୍ରସ୍ତୁତି ଠିକ୍ ସମୟରେ ଶେଷ କରାଯିବା ଉଚିତ । ଏହି ବୈଠକରେ ପାଣିପାଗ ପୂର୍ବାନୁମାନ, ଜଳ ଉପଲବ୍ଧତା, ଫସଲର ସ୍ଥିତି, ବିହନ ଏବଂ ଅନ୍ୟାନ୍ୟ କୃଷି ଉପକରଣର ବ୍ୟବସ୍ଥା, ରାଜ୍ୟଗୁଡ଼ିକର ପ୍ରସ୍ତୁତି ଏବଂ ସମ୍ଭାବ୍ୟ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ କାର୍ଯ୍ୟ ଯୋଜନା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଚୌହାନ ସ୍ପଷ୍ଟ କରିଛନ୍ତି ଯେ ପାଣିପାଗ ପୂର୍ବାନୁମାନକୁ ଗମ୍ଭୀରତାର ସହ ନିଆଯାଉଛି, କିନ୍ତୁ କୃଷକମାନେ ଚିନ୍ତା କରିବାର ଆବଶ୍ୟକତା ନାହିଁ ।

## ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ନୂଆ ମାଇଲଖୁଂଟ ; ମହାରାଷ୍ଟ୍ରରେ ତୃତୀୟ ସୁଡ଼ଙ୍ଗ ଖନନ କାର୍ଯ୍ୟ ସଫଳ

ନୂଆଦିଲ୍ଲୀ : ମହାରାଷ୍ଟ୍ରର ପାଲଘର ଜିଲ୍ଲାର ଦହାନୁ ତାଲୁକାର ଆମ୍ବେସରୀ ଗ୍ରାମରେ ତୃତୀୟ ମାଉଂଟେନ ଟନେଲ (ଏମଟି-୦୭) ର ସଫଳ ସଫଳତା ସହିତ ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ଏକ ପ୍ରମୁଖ ଇଞ୍ଜିନିୟରିଂ ମାଇଲଖୁଂଟ ହାସଲ କରାଯାଇଛି ।ଏହି ସଫଳତା ସହିତ, ଗତ ପାଂଚ ମାସ ମଧ୍ୟରେ ମହାରାଷ୍ଟ୍ରରେ ତିନୋଟି ମାଉଂଟେନ ଟନେଲ ସଫଳତା ସମ୍ପନ୍ନ ହୋଇଛି, ଯାହା ଭାରତର ପ୍ରଥମ ହାଇ-ସ୍ପିଡ୍ ରେଳ କରିଡରର ସବୁଠାରୁ ବୈଷୟିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ବିଭାଗରେ ଦ୍ରୁତ ଅଗ୍ରଗତିକୁ ପ୍ରତିଫଳିତ କରୁଛି । ନୂତନ ଭାବେ ସମ୍ପୂର୍ଣ୍ଣ ହୋଇଥିବା ଏମ. ଟି.-୦୭ ମାଉଂଟେନ ଟନେଲର ଲମ୍ବ ୪୧୭ ମିଟର ଏବଂ ଓସାର ୧୪.୪ ମିଟର, ଯାହା ବୁଲେଟ୍ ଟ୍ରେନ୍ କରିଡରର ଉଭୟ ଉପର ଏବଂ ତଳ ଟ୍ରାକକୁ ସ୍ଥାନିତ କରିବା ପାଇଁ ପରିକଳ୍ପନା କରାଯାଇଛି । ଉନ୍ନତ ଇଞ୍ଜିନିୟରିଂ ଏବଂ ସୁରକ୍ଷା ପ୍ରୋଟୋକଲ ଦ୍ୱାରା ସମର୍ଥିତ, ଉଭୟ ପାର୍ଶ୍ୱରୁ ଏକ ନିୟନ୍ତ୍ରିତ ଖନନ ଏବଂ ବିସ୍ଫୋରଣ ପଦ୍ଧତି ମାଧ୍ୟମରେ ସୁଡ଼ଙ୍ଗ ଖନନ କରାଯାଇଥିଲା । ସମଗ୍ର ଖନନ ପ୍ରକ୍ରିୟାରେ, ଢାଂଚାଗତ ସ୍ଥିରତା, ଶ୍ରମିକ ସୁରକ୍ଷା ଏବଂ ସଠିକ୍ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ମନିଟରିଂ ସିଷ୍ଟମ ଏବଂ ଭୂ-ବୈଷୟିକ ଉପକରଣ ନିୟୋଜିତ କରାଯାଇଥିଲା । ସର୍ଫେସ ସେଟେଲମେଂଟ ପଏଂଟ (ଏସ୍. ଏସ୍. ପି.), ୩ଡି ଲକ୍ଷ୍ୟ, ଷ୍ଟ୍ରେନ୍ ଗେଜ ଏବଂ ସିସମୋଗ୍ରାଫ୍ ସମେତ ରିଅଲ୍ ଟାଇମ୍ ମନିଟରିଂ ବ୍ୟବସ୍ଥା କମ୍ପନ, ସୁଡ଼ଙ୍ଗ ଆଚରଣ ଏବଂ ଆଖପାଖର ସଂରଚନା ଉପରେ ନିରନ୍ତର ନଜର ରଖିଥିଲା । ଟନେଲ କାର୍ଯ୍ୟ ସମୟରେ ବାୟୁ ଚଳାଚଳ ବ୍ୟବସ୍ଥା, ଅଗ୍ନି-ସୁରକ୍ଷା ବ୍ୟବସ୍ଥା, ନିୟନ୍ତ୍ରିତ ପ୍ରବେଶ ଏବଂ ନିରନ୍ତର ଭୂ-ବୈଷୟିକ ତଦାରଖ ସମେତ ବ୍ୟାପକ ଶ୍ରମିକ-ସୁରକ୍ଷା ପଦକ୍ଷେପ ବଜାୟ ରଖାଯାଇଥିଲା । ମହାରାଷ୍ଟ୍ରରେ ପୂର୍ବରୁ ସୁଡ଼ଙ୍ଗର ସଫଳତା ପ୍ରକଳ୍ପର ମହାରାଷ୍ଟ୍ର ଭାଗରେ ହାସଲ ହୋଇଥିବା ପୂର୍ବ ମାଇଲଖୁଂଟ ଉପରେ ସଦ୍ୟତମ ସଫଳତା ନିର୍ମାଣ କରେ । ୧.୫ କିଲୋମିଟର ବ୍ୟାପୀ ପ୍ରଥମ ମାଉଂଟେନ ଟନେଲ (ଏମ. ଟି.-୦୫), ପାଲଘର ଜିଲ୍ଲାର ସଫାଲେ ନିକଟରେ ୨ ଜାନୁଆରୀ ୨୦୨୬ରେ ହାସଲ କରାଯାଇଥିଲା, ଯାହା ମହାରାଷ୍ଟ୍ରର ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ପାଇଁ ପ୍ରଥମ ସଫଳ ମାଉଂଟେନ ଟନେଲ ସଫଳତାକୁ ଦର୍ଶାଇଛି । ଏହା ପରେ ୩, ଫେବୃଆରୀ ୨୦୨୬ ରେ ଦ୍ୱିତୀୟ ସଫଳତା (ଏମଟି-୦୬) ହୋଇଥିଲା, ଯେଉଁଥିରେ ନ୍ୟୁ ଅଷ୍ଟ୍ରିଆନ୍ ଟନେଲିଂ ପଦ୍ଧତି (ଏନଏଟିଏମ) ବ୍ୟବହାର କରି ଖନନ କରାଯାଇଥିବା ୪୫୪ ମିଟର ଲମ୍ବ ସୁଡ଼ଙ୍ଗ ଅନ୍ତର୍ଭୁକ୍ତ ଥିଲା, ଯାହାର ଫଳସ୍ୱରୂପ ପାଲଘର ଜିଲ୍ଲାରେ ପ୍ରାୟ ଏକ ମାସ ମଧ୍ୟରେ ଦୁଇଟି ସଫଳତା ହାସଲ କରାଯାଇଥିଲା ।



## ସହରୀ ଯୋଜନା ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର



ଭୁବନେଶ୍ୱର : ଓଡ଼ିଶାର ଦ୍ରୁତ ବିକାଶଶୀଳ ସହରୀ ପରିଦୃଶ୍ୟକୁ ଦୃଷ୍ଟିରେ ରଖି ରାଜ୍ୟର ସହରୀ ଯୋଜନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 'ଇନଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ, ଇଣ୍ଡିଆ' ଓଡ଼ିଶା ଶାଖା ପକ୍ଷରୁ ଏକ ବ୍ୟାପକ ରୂପରେଖ ପ୍ରସ୍ତାବ ଦିଆଯାଇଛି । ଏଥିରେ ବୃତିଗତ ନଗର ଯୋଜନାବିତ (ଟାଉନ୍ ପ୍ଲାନର) ମାନଙ୍କର ବଡ଼ ଆକାରରେ ନିଯୁକ୍ତି ଏବଂ ଆନୁଷ୍ଠାନିକ ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଗୃହ ଓ ନଗର ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକରେ ଏହି ସୁପାରିଶଗୁଡ଼ିକୁ ଉପସ୍ଥାପନ କରାଯାଇଛି । ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ନଗର ଯୋଜନା ନିର୍ଦ୍ଦେଶକ ଶ୍ରୀ ଶତ୍ରୁଘ୍ନ କର, ଆଇ.ଟି.ପି.ଆଇ. ଓଡ଼ିଶା ଶାଖାର ପ୍ରତିନିଧି ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଓଡ଼ିଶାର ସହରୀ ଭବିଷ୍ୟତ ପାଇଁ ନିଜର ଦୂରଦୃଷ୍ଟି ଉପସ୍ଥାପନ କରି ଆଇ.ଟି.ପି.ଆଇ. ଦର୍ଶାଇଛି ଯେ, ରାଜ୍ୟରେ ସହରୀକରଣ ହାର ନାଟକୀୟ ଭାବେ ବୃଦ୍ଧି ପାଇବାକୁ ଯାଉଛି । ୨୦୨୫ ମସିହାରେ ସହରୀ ଜନସଂଖ୍ୟା ପ୍ରାୟ ୧୭ ପ୍ରତିଶତ ଥିବାବେଳେ ୨୦୪୭ ସୁଦ୍ଧା ଏହା ପ୍ରାୟ ୬୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଓଡ଼ିଶା ନିଜର ସହରଗୁଡ଼ିକୁ ପ୍ରମୁଖ ଅର୍ଥନୈତିକ ଅଭିବୃଦ୍ଧି କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି, ଯାହା ରାଜ୍ୟର ସମୁଦାୟ ଘରୋଇ ଉତ୍ପାଦରେ ୬୦ ପ୍ରତିଶତରୁ ଅଧିକ ଯୋଗଦାନ କରିବ । ଏଭଳି ସ୍ଥିତିରେ ବୈଜ୍ଞାନିକ, ବୃତିଗତ ଏବଂ ଭବିଷ୍ୟତମୁଖୀ ସହରୀ ଯୋଜନାକୁ ବିକାଶର ମୁଖ୍ୟ ସ୍ତମ୍ଭ କରାଯିବା ଉଚିତ ବୋଲି ସଂସ୍ଥା ଗୁରୁତ୍ୱ ଆରୋପ କରିଛି । ଆଇ.ଟି.ପି.ଆଇ. ପକ୍ଷରୁ ରାଜ୍ୟରେ ଯୋଗ୍ୟତାସମ୍ପନ୍ନ ଟାଉନ୍ ପ୍ଲାନରଙ୍କର ବଡ଼ ଅଭାବ ଥିବା ନେଇ ଦର୍ଶାଯାଇଛି । ନୀତି ଆୟୋଗଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଯୋଜନା ମାନଦଣ୍ଡ ଅନୁଯାୟୀ, ଓଡ଼ିଶାର ସହରୀ ବିକାଶକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ପ୍ରାୟ ୪୭୦ ଜଣ ଟାଉନ୍ ପ୍ଲାନରଙ୍କ ଆବଶ୍ୟକତା ରହିଛି । ଅନେକ ବିକାଶ ମଧ୍ୟ ନିୟମିତ ଟାଉନ୍ ପ୍ଲାନରଙ୍କ ବିନା କାର୍ଯ୍ୟ କରୁଛନ୍ତି, ଏବଂ ଅନେକ ସହରୀ ସ୍ଥାନୀୟ ସଂସ୍ଥା ବିଲ୍ଡିଂ ପ୍ଲାନ୍ ଅନୁମୋଦନ ଓ ବୈଧାନିକ ଯୋଜନା କାର୍ଯ୍ୟ ପାଇଁ ଅସ୍ଥାୟୀ ଚୁକ୍ତିଭିତିକ ବ୍ୟବସ୍ଥା ଉପରେ ନିର୍ଭର କରୁଛନ୍ତି ।

## ଓଡ଼ିଶାରେ ଚତୁର୍ଥ ଦିନରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ ୪୧ ଲକ୍ଷରୁ ଅଧିକ ଭୋଟରଙ୍କୁ ଫର୍ମ ବଂଟନ ଶେଷ



ଭୁବନେଶ୍ୱର : ରାଜ୍ୟରେ ମତଦାତା ସୂଚୀକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଆରମ୍ଭ ହୋଇଥିବା ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ' (ଏସଆଇଆର) ଆଜି ଚତୁର୍ଥ ଦିନରେ ପହଁଚିଛି । ଗତ ତିନି ଦିନ ଧରି ବ୍ୟାପକ ଭାବେ ଚାଲିଥିବା ଏହି ଅଭିଯାନରେ ରାଜ୍ୟର କୋଣ-ଅନୁକୋଣରେ ଭୋଟରମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ୦୨ ଜୁନ (ମଙ୍ଗଳବାର) ସନ୍ଧ୍ୟା ୦୭ ଟା ସୁଦ୍ଧା ରାଜ୍ୟରେ ୪୧ଲକ୍ଷ ୬୦ହଜାର ଭୋଟରଙ୍କୁ ଫର୍ମ ବଂଟନ କରାଯାଇ ସାରିଛି । ଚତୁର୍ଥ ଦିନରେ ମଧ ଏହି ପ୍ରକ୍ରିୟା ବେଶ୍ ଦ୍ରୁତ ଗତିରେ ଆଗେଇ ଚାଲିଛି । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବା ପାଇଁ ବୁଥସ୍ତରୀୟ ଅଧିକାରୀ ମାନେ ରାଜ୍ୟର ବିଭିନ୍ନ ଆଦିବାସୀ ଅଧୁଷିତ ସମସ୍ତ ଦୁର୍ଗମ ଅଂଚଳରେ ଘରକୁ ଘର ବୁଲି ପରିଗଣନା ଫର୍ମ ବଂଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି । ଘରକୁ ଘର ବୁଲି ଏହି ସ୍ୱତନ୍ତ୍ର ଅଭିଯାନକୁ ସଫଳ କରିବା ପାଇଁ ରାଜ୍ୟ ସାରା ୪୫ ହଜାର ୨୫୫ ଜଣ ବୁଥସ୍ତରୀୟ ଅଧିକାରୀ (ବି ଏଲ ଓ) ନିୟୋଜିତ ହୋଇଛନ୍ତି । ବିଏଲ୍‌ଓମାନେ ପ୍ରତି ଅଂଚଳରେ ଘର ଘର ବୁଲି ଭୋଟରମାନଙ୍କ ତଥ୍ୟ ସଂଗ୍ରହ କରିବା ସହ ଫର୍ମ ବଂଟନ କରୁଛନ୍ତି । ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ ଯୋଗାଇ ଦିଆଯାଉଛି । ଚତୁର୍ଥ ଦିନରେ ୪୧ଲକ୍ଷ ୬୦ହଜାର ଭୋଟର ଙ୍କୁ ବିଏଲଓ ମାନଙ୍କ ଦ୍ୱାରା ପରିଗଣନା ଫର୍ମ ବଂଟନ କରାଯାଇଛି ।





### ‘ମନ କି ବାତ୍’ରେ ଓଡ଼ିଶାର ଲୋକପ୍ରିୟ ବେଲ ପଣା ଏବଂ ଆମ୍ବକୁ ପ୍ରଶଂସା

# ଖରାଦିନେ ସ୍ୱାସ୍ଥ୍ୟ ପାଇଁ ଉପାଦେୟ ପରାମର୍ଶ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ସଦର ବିଧାୟକ

ବାଲେଶ୍ୱର(ନି.ପ୍ର.)ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ କି ବାତ୍’ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଏହି କାର୍ଯ୍ୟକ୍ରମର ୧୩୪ତମ ସଂସ୍କରଣ ଟିଭି ମାଧ୍ୟମରେ ମଧ ପ୍ରସାରିତ ହୋଇଥିବା ବେଳେ ଏହାକୁ ଦେଖିବା ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଏହି କ୍ରମରେ ବାଲେଶ୍ୱର ପୌରାଂଚଳ ଅନ୍ତର୍ଗତ ୧୩ନଂ ୱାର୍ଡରେ ଭାରତୀୟ ଜନତା ପାର୍ଟିର ମହାବୀର ଶକ୍ତିକେନ୍ଦ୍ରରେ ଏହି ‘ମନ କି ବାତ୍’ କାର୍ଯ୍ୟକ୍ରମକୁ ଦେଖିଥିଲେ ସଦର ବିଧାୟକ ମାନସ କୁମାର ଦତ । ଶକ୍ତିକେନ୍ଦ୍ର ଅଧିନ ୧୭୮ନଂ ବୁଥ କର୍ମକର୍ତାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପରାମର୍ଶ ଶୁଣିଥିଲେ । ଦେଶବ୍ୟାପୀ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ପାରମ୍ପରିକ ଦେଶୀ ପାନୀୟ ଉପରେ ଗୁରୁତ୍ୱ ଦେଇ ଓଡ଼ିଶାର ଲୋକପ୍ରିୟ ବେଲ ପଣା ଏବଂ ଆମ୍ବ ଭଳି ଦେଶୀ ଖାଦ୍ୟର ଖୁବ



ପ୍ରଶଂସା କରିଥିଲେ । ଏହାକୁ ନେଇ ସଦର ବିଧାୟକ ଶ୍ରୀ ଦତ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କୃତଜ୍ଞତା ଜଣାଇବା ସହିତ ତାଙ୍କ ପରାମର୍ଶକୁ ଗ୍ରହଣ ପୂର୍ବକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ବେଲପଣା ଓ ଆମ୍ବପଣାକୁ ପାନୀୟ ଭାବେ ଗ୍ରହଣ ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଖରା ଦିନେ ସୁସ୍ଥ ରହିବା ପାଇଁ ସ୍ଥାନୀୟ ଅଂଚଳରେ ମିଳୁଥିବା ପାରମ୍ପରିକ ପାନୀୟ ବେଶ ଲାଭଦାୟକ । ଓଡ଼ିଶାରେ ଘରେ ଘରେ ପ୍ରସ୍ତୁତ ହେଉଥିବା ବେଲ ପଣା ଏକ ପ୍ରାକୃତିକ ଥଣ୍ଡା ପାନୀୟ । ଏହା ପେଟକୁ ଥଣ୍ଡା ରଖିବା ସହ ଗରମରୁ ରକ୍ଷା କରିବାରେ ବହୁତ ସାହାଯ୍ୟ କରେ । ଲୋକମାନେ ବାହାରର କୃତ୍ରିମ ଥଣ୍ଡା ପାନୀୟ ବଦଳରେ ଏଭଳି ଦେଶୀ ତଥା ପାରମ୍ପରିକ ପାନୀୟ ପିଇବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ପରାମର୍ଶ ଗ୍ରହଣ ପାଇଁ ସଦର ବିଧାୟକ ଶ୍ରୀ ଦତ ଆହ୍ୱାନ ଦେଇଛନ୍ତି । ସେହିପରି କେବଳ ବେଲ ପଣା ନୁହେଁ ବରଂ ଖରା ଦିନେ ମିଳୁଥିବା ଆମ୍ବର ବ୍ୟବହାରକୁ ନେଇ ମଧ ପ୍ରଧାନମନ୍ତ୍ରୀ ନିଜର ମତ ରଖିଛନ୍ତି । ଆମ୍ବରୁ ପ୍ରସ୍ତୁତ ଆମ୍ବ ପଣା ଏବଂ ଅନ୍ୟାନ୍ୟ ଦେଶୀ ପାନୀୟ ଶରୀରରେ ଜଳୀୟ ଅଂଶ ବଜାୟ ରଖିବାରେ ସହାୟକ ହୋଇଥାଏ । ଭାରତର ବିଭିନ୍ନ ରାଜ୍ୟରେ ଏଭଳି ଅନେକ ପାରମ୍ପରିକ ପାନୀୟ ରହିଛି ଯାହାକୁ ଗ୍ରୀଷ୍ମ ଋତୁରେ ବହୁଳ ଭାବେ ବ୍ୟବହାର କରାଯାଏ । ‘ମନ କି ବାତ୍ ?’ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ଅପିଲ କରିଛନ୍ତି । ପ୍ରବଳ ଖରାକୁ ଦୃଷ୍ଟିରେ ରଖି ପ୍ରଚୁର ପରିମାଣରେ ପାଣି ପିଇବା ସହ ଜରୁରୀ କାମ ନଥିଲେ ଦିନ ସମୟରେ ଘରୁ ନ ବାହାରିବାକୁ ସେ କହିଛନ୍ତି । ଏହା ସହିତ ପ୍ରଚଣ୍ଡ ରୌଦ୍ରତାପରେ ପଶୁପକ୍ଷୀଙ୍କ ଶୋଷ ମେଂଟାଇବା ପାଇଁ ଘର ବାହାରେ କିମ୍ବା ଛାତ ଉପରେ ପାଣି ରଖିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ପ୍ରତ୍ୟେକ ପରାମର୍ଶରେ ଥିବା ସାମଗ୍ରିକ ଜନଜୀବନର କଲ୍ୟାଣ ନିମିତ ସକରାତ୍ମକ ବାର୍ତା। ଦେଶବାସୀଙ୍କୁ ରାଷ୍ଟ୍ରପ୍ରେମ, ସାମାଜିକ ଦାୟିତ୍ୱ ଓ ଆତ୍ମନିର୍ଭର ଏବଂ ବିକଶିତ ଭାରତ ଗଠନ ପାଇଁ ନୂତନ ଉତ୍ସାହ ଓ ସଙ୍କଳ୍ପ ପ୍ରଦାନ କରିବ ବୋଲି ସଦର ବିଧାୟକ ଶ୍ରୀ ଦତ ଆଶା ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ୧୩ନଂ ୱାର୍ଡ କାଉନସିଲର ପ୍ରତିମା ବେହେରାଙ୍କ ସହ ଉମାକାନ୍ତ ଷଡ଼ଙ୍ଗୀ, ପବନ କମିଲା, ଉମେଶ ବେହେରା, ସୁଜିତ୍ ବିଶ୍ୱାଳ, ସିଦ୍ଧାନ୍ତ ସାହୁ, ଶୁଭଙ୍କର ପଣ୍ଡା, ସୁମନ୍ତ ମହାପାତ୍ର, ଅଜେନ୍ଦ୍ର ଦାସ, ନିମାଇଁ ନନ୍ଦୀ, ସତ୍ୟଜିତ୍ ସାହୁ, ଶୁଭମ୍ ସାଇ ମହାପାତ୍ର, ସରୋଜ ଗୋଛାୟତ, ତୋଫାନ ବିନ୍ଧାଣି ପ୍ରମୁଖ ଉପସ୍ଥିତ ରହି ‘ମନ କି ବାତ୍ ?’ କାର୍ଯ୍ୟକ୍ରମ ଦେଖିଥିଲେ ।

### ବାଙ୍ଗରା ରେଲଷ୍ଟେସନ ଓ ଉଡ଼ନ୍ତା ପୋଲ ନିର୍ମାଣ ଦାବି ଜୋରଦାର,

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଦାବିପତ୍ର ପ୍ରଦାନ

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଖାନନଗର ପଂଚାୟତର ବାଙ୍ଗରା ରେଲୱେ ଫାଟକ ନିକଟରେ ରେଲଷ୍ଟେସନ ଓ ଉଡନ୍ତା ପୋଲ (ଫ୍ଲାଏଓଭର) ନିର୍ମାଣ ଦାବି ପୁଣିଥରେ ଜୋରଦାର ହୋଇଛି । ଏହି ଦାବିକୁ ନେଇ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ବାଙ୍ଗରା ରେଲଷ୍ଟେସନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଦୀର୍ଘଦିନ ଧରି ବାଙ୍ଗରା ରେଲୱେ ଫାଟକ ଅଂଚଳରେ ରେଲଷ୍ଟେସନ ଓ ଉଡନ୍ତା ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଆସୁଛନ୍ତି । ଏହି ଫାଟକ ଦେଇ ଖାନନଗର, ଗେଙ୍ଗୁଟି, ଶାସଙ୍ଗ, କୁରୁଡା, ଜୟଦେବ କସବା, ରସାଳପୁର, ପଦ୍ମପୁର ଓ ବର୍ଦ୍ଧନପୁର ସମେତ ବିଭିନ୍ନ ପଂଚାୟତର ଲକ୍ଷାଧିକ ଲୋକ ଦୈନନ୍ଦିନ କାର୍ଯ୍ୟ, ଚାକିରି ଓ ଜରୁରୀ ସେବା ପାଇଁ ଯାତାୟାତ କରୁଛନ୍ତି । ରେଳ ଫାଟକ ବାରମ୍ବାର ବନ୍ଦ ରହୁଥିବାରୁ ସାଧାରଣ ଲୋକେ ନାନା



ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ସେହିପରି ନିକଟସ୍ଥ ଏବିଏ କଲେଜ, ନୀଳକଣ୍ଠେଶ୍ୱର କଲେଜ ଓ ମଡର୍ଣ୍ଣ ଇଞ୍ଜିନିୟରିଂ କଲେଜର ଛାତ୍ରଛାତ୍ରୀମାନେ ପ୍ରତିଦିନ ଯାତାୟାତ ସମୟରେ ଅସୁବିଧାରେ ପଡୁଥିବା ବେଳେ ପରୀକ୍ଷା ସମୟରେ ମଧ ବିଳମ୍ବର ସମ୍ମୁଖୀନ ହେଉଛନ୍ତି । ରାତ୍ରି ସମୟରେ ଫାଟକ ବନ୍ଦ ରହିବା ଯୋଗୁଁ ଆମ୍ବୁଲାନ୍ସ ସେବା ବାଧାପ୍ରାପ୍ତ ହୋଇ ରୋଗୀଙ୍କ ଜୀବନ ମଧ ବିପଦରେ ପଡୁଥିବା ଅଭିଯୋଗ ହେଉଛି । କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି ଯେ, ଗତ ୨୭ ଏପ୍ରିଲ ୨୦୨୬ ତାରିଖରେ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍ ?ଙ୍କୁ ରେଲଷ୍ଟେସନ ଓ ଉଡନ୍ତା ପୋଲ ନିର୍ମାଣ ଦାବିରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହାପୂର୍ବରୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ରେମୁଣା ବିଧାୟକ ତଥା ଓଡ଼ିଶା ବିଧାନସଭାର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ମଧ ଦାବିପତ୍ର ଦିଆଯାଇଥିଲା ।ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଦାବିପତ୍ର ପ୍ରଦାନ ପରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ସଦର ବିଧାୟକ ମାନସ କୁମାର ଦତଙ୍କ ଜେଲ୍ ରୋଡ୍ ସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରି ମଧ ଦାବିପତ୍ର ଦେଇଥିଲେ । ଏହି ଅବସରରେ କ୍ରିୟାନୁଷ୍ଠାନ କମିଟିର ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ନିରଞ୍ଜନ ଦାସ, କୋଷାଧକ୍ଷ ସୁଶାନ୍ତ କୁମାର ନାୟକଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ବହୁ ସଂଖ୍ୟକ ଅଂଚଳବାସୀ ଉପସ୍ଥିତ ଥିଲେ । ସ୍ଥାନୀୟ ଲୋକେ ଶୀଘ୍ର ଏହି ଦାବି ପୂରଣ କରାଯିବା ପାଇଁ ସରକାର ଓ ରେଳବାଇ କର୍ତୃପକ୍ଷଙ୍କ ନିକଟରେ ଆହ୍ୱାନ ଜଣାଇଛନ୍ତି ।

# ଦୁଷ୍ୟନ୍ତ ତ୍ୟାଗୀ ହେଲେ ଟିପିଏନଓଡିଏଲର ନୂଆ ସିଇଓ

ବାଲେଶ୍ୱର,(ନି.ପ୍ର.) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ)ର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦ୍ୟୁତ ବିତରଣ କ୍ଷେତ୍ରରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରଖିଥିବା ଶ୍ରୀ ତ୍ୟାଗୀ ଦେଶର ବହୁ ନାମିଦାମୀ ବିଦ୍ୟୁତ ବିତରଣ କମ୍ପାନୀରେ ବହୁ ଗୁରୁଦାୟିତ୍ୱ ବହନ କରିଛନ୍ତି । ସେ ଦିଲ୍ଲୀ ଇଞ୍ଜିନିୟରିଂ କଲେଜରୁ ସ୍ନାତକ ହାସଲ କରିଥିବାବେଳେ ଆଇଏମଆଇ ଦିଲ୍ଲୀରୁ ପରିଚାଳନା କ୍ଷେତ୍ରରେ ସ୍ନାତକୋତର ଡିଗ୍ରୀ ହାସଲ କରିଛନ୍ତି । ନିଜର ଅଭିମତ ରଖି ଶ୍ରୀ ତ୍ୟାଗୀ କହିଛନ୍ତି ଯେ, “ଉପଭୋକ୍ତାଙ୍କୁ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ପରିଚାଳନା ପଦ୍ଧତି ଦ୍ୱାରା ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଆମର ସର୍ବଦା ଲକ୍ଷ୍ୟ ରହି ଆସିଛି ।ଟିପିଏନଓଡିଏଲର ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ତ୍ୟାଗୀଙ୍କର ଟିପିସିଓଡିଏଲ, ଟାଟା ପାୱାର ଡିଡିଏଲ ଓ ଟିପିଏନଓଡ଼ିଏଲ ପ୍ରଭୃତି ସଂସ୍ଥାରେ ବାଣିଜ୍ୟ, ନେଟୱର୍କ ଇଞ୍ଜିନିୟରିଂ, ଅପରେସନ ସର୍ଭସେସ, ଷ୍ଟୋର ଓ ସିଏସଆର ଆଦି ବିଭାଗ ପରିଚାଳନା କ୍ଷେତ୍ରରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି । ତେବେ ଟିପିସିଓଡିଏଲର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ତଥା ଓଡ଼ିଶା ବିଦ୍ୟୁତ ବିତରଣ ବ୍ୟାପାର ମୁଖ୍ୟ ଭାବେ ଟିପିଏନଓଡିଏଲ ପୂର୍ବତନ ସିଇଓ ଶ୍ରୀ ଗଜାନନ କାଲେଙ୍କ ବଦଳି ହୋଇଛି । ସୂଚନାଥାଉକି ଟିପିଏନଓଡିଏଲ ପ୍ରାୟ ୯୭ଲକ୍ଷ ଲୋକଙ୍କୁ ବିଜୁଳି ସେବା ଯୋଗାଉ ଥିବାବେଳେ ୧୯ ଲକ୍ଷରୁ ଅଧିକ ପଞ୍ଜୀକୃତ ଉପଭୋକ୍ତା ଅଛନ୍ତି । ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ୨୭ହଜାର ୯୨୦ ବର୍ଗ କିଲୋମିଟର ଅଂଚଳକୁ ଟିପିଏନଓଡିଏଲ ବିଦ୍ୟୁତ ବିତରଣ କରୁଛି ।



# ରେମୁଣା ବିଜେପିର ବିଏଲଏ - ୨ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ରବିବାର ଅପରାହ୍ନ ୪ ଘଟିକା ସମୟରେ ବାଲେଶ୍ୱର ନୂଆସାହି ଛକ ନିକଟସ୍ଥ ମାହେଶ୍ୱରୀ ଭବନରେ ରେମୁଣା ବିଜେପିର ଇଖଇ-୨ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଅଛି । ରେମୁଣା ବିଧାୟକ ପ୍ରତିନିଧି କାର୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ନନ୍ଦ, ଜିଲ୍ଲା ସୋସିଆଲ ମିଡ଼ିଆ କର୍ଡିନେଟର ଶ୍ରୀନିବାସ ପ୍ରଧାନ, ଜିଲ୍ଲା ସମ୍ପାଦିକା ଋିତା ଦାସ, ରେମୁଣା ନିର୍ବାଚନ



ମଣ୍ଡଳୀ ପ୍ରଭାରୀ ଚିତରଞ୍ଜନ ପଣ୍ଡା, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ଗିରିଧାରୀ ଦାସ, ରେମୁଣା ବିଧାୟକଙ୍କ ସଦର ବ୍ଲକ ପ୍ରତିନିଧି ଲମ୍ବୋଦର ପ୍ରଧାନ ଏବଂ ପୂର୍ବତନ ରେମୁଣା ବ୍ଲକ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ମଂଚ ଉପରେ ଉପସ୍ଥିତ ଥିଲେ । ଏହି ବୈଠକରେ ରେମୁଣା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥରୁ ଇଖଇ-୨ ଦାୟିତ୍ୱ ପାଇଥିବା ସମସ୍ତ କାର୍ଯ୍ୟକର୍ତାଙ୍କ ସହିତ ପଂଚାୟତ ସଭାପତି, ମଣ୍ଡଳ ସଭାପତି ଏବଂ ସମସ୍ତ ବରିଷ୍ଠ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ରେମୁଣା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଶ୍ରୀ ପଣ୍ଡା ଉପସ୍ଥିତ ଇଖଇ-୨ ମାନଙ୍କୁ ତାଙ୍କ କାମ ସମ୍ବନ୍ଧରେ ବିସ୍ତୃତ ଭାବେ ବୁଝାଇବା ସହିତ ଝଓଜ ସମ୍ବନ୍ଧରେ ମଧ କହିଥିଲେ । ଏଥି ସହିତ ଅନ୍ୟ ଅତିଥି ମାନେ ମଧ ନିଜ ଅଭିଭାଷଣରେ ବୁଥ୍ ସ୍ତରର ସଂଗଠନକୁ ଆହୁରି ସୁଦୃଢ଼ କରିବା, ନୂତନ ଭୋଟର ନାମ ସଂଯୋଗ, ଭୋଟର ତାଲିକାର ସତ୍ୟାପନ ଓ ତ୍ରୁଟି ସଂଶୋଧନ ଆଦି କାର୍ଯ୍ୟ ସମ୍ବନ୍ଧରେ କହିଥିଲେ ।

# ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଲନ୍ଦାସାରଗାଁ ପଂଚାୟତରେ ବିଜେପି ପକ୍ଷରୁ ମହା ମିଶ୍ରଣ ପର୍ବ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶ ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ଲୋକଙ୍କ ସରକାରଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଲନ୍ଦାସାରଗାଁ ପଂଚାୟତର ସଂଖ୍ୟାଧିକ ବିଜେଡ଼ି ନେତା ଓ କର୍ମୀ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ସଦର ବିଜେପି କାର୍ଯ୍ୟାଳୟ ଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ ଯୋଗଦେଇ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ନବାଗତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ବିଗତ ୧୨ବର୍ଷ ଧରି ଦେଶର ବିକାଶଧାରାକୁ ଶୀର୍ଷରେ ପହଂଚାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତ୍ୟେକ ଲୋକକଲ୍ୟାଣ ଯୋଜନା ଆଜି ଗ୍ରାମାଂଚଳର ଘରେ ଘରେ ପହଂଚିପାରିଛି ।



ସେହିପରି ୨୪ବର୍ଷର କୁଶାସନକୁ ହଟାଇ ରାଜ୍ୟରେ ଜନସେବାର ପ୍ରତୀକ ସାଜିଥିବା ଲୋକଙ୍କ ସରକାର ୨ବର୍ଷ ମଧ୍ୟରେ ଗ୍ରାମାଂଚଳରେ ବିକାଶର ନୂଆ ଦିଗ ଦେଖାଇଛି । ଏହି ବିକାଶ ଧାରାରେ ନିଜକୁ ସାମିଲ କରିବା ପାଇଁ ଗ୍ରାମ୍ୟ ରାଜନୀତିର ଧୂରୀଣ ନେତା ଓ ତାଙ୍କ ସମର୍ଥକମାନେ ବିଜୁ ଜନତା ଦଳ ଓ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଥିବା ବିଧାୟକ ଶ୍ରୀ ଦତ ଏହି ଅବସରରେ ସୂଚନା ଦେଇଥିଲେ । ଆସନ୍ତା ପଂଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ସ୍ୱରୂପ ବିଜେପି ସମସ୍ତ ପଂଚାୟତରେ ଶାସନ ବ୍ୟବସ୍ଥାକୁ ଦଖଲ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ନିକଟ ଭବିଷ୍ୟତରେ ବ୍ୟାପକ ଭାବେ ଏହିଭଳି ମିଶ୍ରଣ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୟ ଦଳର ହଜାର ହଜାର କର୍ମୀ ଓ ସମର୍ଥକ ବଜେପିରେ ଯୋଗଦେବେ ବୋଲି ଶ୍ରୀ ଦତ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ମିଶ୍ରଣ ପର୍ବରେ ଦୋଳଗୋବିନ୍ଦ ସେଠି, ମଧୁସୂଦନ ସେଠି, ଅଭିରାମ ସେଠି, ବାବୁରାମ ସେଠି, ରାଜେନ୍ଦ୍ର ସେଠି, ବିଜୟ ସେଠି, ଯଶୋଦା ସେଠି, ଜେମା ମଣି ସେଠି, କଟିବୁଢ଼ୀ ସେଠି, ଚାନ୍ଦିନୀ ସେଠି, କଳ୍ପନା ସେଠି, ଚେନାମାଣି ସେଠି, ଅସଲତା ସେଠି ଓ ପାର୍ବତୀ ସେଠି ପ୍ରମୁଖ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗୌରାଙ୍ଗ ଦାସ, କାହ୍ନୁ ମହାଲିକ, ଅଶୋକ ଦାସ, ରବି ରାଉତ, ମନୋରଞ୍ଜନ ରାଉତ ପ୍ରମୁଖଙ୍କ ସମେତ ଓଲନ୍ଦାସାରଗାଁ ପଂଚାୟତର ବିଜେପି କାର୍ଯ୍ୟକର୍ତା ଏହି ମହା ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ ।

# ମଣ୍ଡଳବଜାରରେ ନିର୍ମାଣ ହେବ ୭ କୋଟି ଟଙ୍କାର ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ: ସଦର ବିଧାୟକ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ସହରର ଭିତିଭୂମି ବିକାଶକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ମଣ୍ଡଳବଜାରରେ ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ବହୁତଳ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ବାଲେଶ୍ୱର ପୌରପାଳିକା ପକ୍ଷରୁ ପ୍ରସ୍ତାବିତ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିବାବେଳେ ବର୍ତମାନ ଟେଣ୍ଡର ପ୍ରକ୍ରିୟା ଚାଲିଛି । ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ବିଧାୟକ ମାନସ କୁମାର ଦତ ମଣ୍ଡଳବଜାର ପରିଦର୍ଶନ କରି ପୌରାଧକ୍ଷା ସବିତା ସାହୁଙ୍କ ଉପସ୍ଥିତିରେ ପୌର ଅଧିକାରୀ ଓ ପୌରଯନ୍ତ୍ରୀଙ୍କ ସହ ପ୍ରକଳ୍ପର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ । ସେହିପରି ସ୍ଥାନୀୟ ବ୍ୟବସାୟୀମାନଙ୍କ ସହ ଆଲୋଚନା କରି ବଜାରର ଆଧୁନିକୀକରଣ ଏବଂ ବ୍ୟବସାୟିକ ସୁବିଧା ବୃଦ୍ଧି ସମ୍ପର୍କରେ ମତବିନିମୟ କରିଥିଲେ ।ଦୀର୍ଘ ବର୍ଷ ଧରି ମଣ୍ଡଳବଜାର ବାଲେଶ୍ୱର ସହରର ବ୍ୟବସାୟିକ ଓ ଅର୍ଥନୈତିକ କେନ୍ଦ୍ର ଭାବେ ପରିଚିତ । ଏଠାରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ଉନ୍ନତ ସୁବିଧା ପ୍ରଦାନ କରିବା ସହ ଗ୍ରାହକମାନଙ୍କ ପାଇଁ ସ୍ୱଚ୍ଛ, ସୁରକ୍ଷିତ ଓ ସୁବିଧାଜନକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ ବର୍ତମାନର ଜରାଜୀର୍ଣ୍ଣ ଦୋକାନ ଘରଗୁଡ଼ିକୁ ଭଙ୍ଗାଯାଇ ଏକ ଆଧୁନିକ ବହୁତଳ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ । ଏଥିରେ ଦୋକାନ ଘର ସହ ବିଭିନ୍ନ ଆର୍ଥିକ ଓ ବାଣିଜ୍ୟିକ କାର୍ଯ୍ୟକଳାପ ପାଇଁ ଆବଶ୍ୟକ ଭିତିଭୂମି ସୃଷ୍ଟି କରାଯିବ ।ସମୀକ୍ଷା ବୈଠକରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିରିୟଲ ଶୁଭ୍ର ପଟେଲ ଓ ପୌରଯନ୍ତ୍ରୀ ସୀମାଂଚଳ ମିଶ୍ର ମ୍ୟାପ, ଗ୍ରାଫ ଓ ଥ୍ରି-ଡି ଡିଜାଇନ ମାଧ୍ୟମରେ ପ୍ରକଳ୍ପର ରୂପରେଖା ଏବଂ ଉପଲବ୍ଧ ହେବାକୁ ଥିବା ସୁବିଧା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ ।ଏହି ଅବସରରେ ବିଧାୟକ ଶ୍ରୀ ଦତ କହିଥିଲେ ଯେ, ସ୍ଥାନୀୟ ଅଂଚଳର ବିକାଶ ଓ ବ୍ୟବସାୟୀ ଭାଇଭଉଣୀମାନଙ୍କ କଲ୍ୟାଣ ଦିଗରେ ରାଜ୍ୟ ସରକାର ସର୍ବଦା ପ୍ରତିବଦ୍ଧ ରହିଛନ୍ତି । ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଲେ ବାଲେଶ୍ୱର ସହରର ବ୍ୟବସାୟିକ ଭିତିଭୂମି ଆହୁରି ସୁଦୃଢ଼ ହେବା ସହ ବ୍ୟବସାୟୀ ଓ ଗ୍ରାହକମାନେ ଉପକୃତ ହେବେ । ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ଦାସ, ସୁଜିତ ଦେବ, ନିତ୍ୟଗୋପାଳ ସିଂହ, ସନ୍ତୋଷ ଦେ, ଲୋକନାଥ ଭୂୟାଁ, ମନ୍ମଥ ବେହେରା, ଯୋଗେନ ରଣା, ମନୋରଞ୍ଜନ ନନ୍ଦୀ, ଅଶୋକ ଦାସ, ସୁକୁମାର ଦେ, ବିଜୟ ପୃଷ୍ଟି, ଜୟନ୍ତ ସେଠୀ, ତପନ ନନ୍ଦୀ, ସଞ୍ଜୀବ ପ୍ରଧାନ, ଭଜମୋହନ ପଣ୍ଡା, ଶ୍ରୀନାଥ ରଣା ଏବଂ ଗୌତମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।



# ବିଭିନ୍ନ ଦାବି ନେଇ ବାଲେଶ୍ୱର ଟାଉନ କଂଗ୍ରେସ ପକ୍ଷରୁ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ

ବାଲେଶ୍ୱର ପୌରପାଳିକା ର ୩୧ଟି ୱାର୍ଡ ରେ ସରକାର ଙ୍କ ବିକାଶ ମୂଳକ କାର୍ଯ୍ୟ ନିୟମ ଅନୁଯାୟୀ କରିବା ଦାବିରେ ଟାଉନ କଂଗ୍ରେସ ପକ୍ଷରୁ ମଙ୍ଗଳବାର ୧୫ ଦାବି ସମ୍ବଳିତ ଏକ ଦାବିପତ୍ର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରଯାଇଛି । ସମସ୍ତ ଭିତଭୂମି ଥାଇ ମଧ ସରକାର ଙ୍କ ଉଦାସୀନତା ଯୋଗୁଁ ପୌର ପରିଷଦ କୁ ମହାନଗର ନିଗମ ଘୋଷଣା କରାଯାଇପାରୁ ନାହିଁ । ତୁରନ୍ତ ବାଲେଶ୍ୱର ପୌରପାଳିକା କୁ ମହାନଗର ନିଗମ ଘୋଷଣା, ପୌର ପରିଷଦର ସମ୍ବିଧାନ ଅନୁଯାୟୀ ପ୍ରତି ମାସ ପରିଷଦ ବୈଠକ ଡକାଯାଇ ଆଇନକୁ ସମ୍ମାନ ଜଣାଇବା, ପୌର ପରିଷଦ ସମ୍ବିଧାନର ଧାରା ୭୧(୨) ଅନୁଯାୟୀ ମାସିକ ବୈଠକର ବିବରଣୀ ୩ ଦିନ ଭିତରେ ବିବରଣୀ କୁ ଜିଲ୍ଲାପାଳ, ନଗର ଉନ୍ନୟନ ବିଭାଗ ଓ ପାରିଷଦ ମାନଙ୍କୁ ଠିକ ସମୟରେ ଦିଆ ନ ଯାଇ ପୌର ପରିଷଦର ଗଣତାନ୍ତ୍ରିକ ଅଧିକାରକୁ ଉଲଂଘନ କରା ନ ଯିବା, ପୌର ପରିଷଦର ପାନୀୟ ଜଳ ପିଇବା ଉପଯୋଗୀ ହୋଇ ନ ଥିବା ରୁ ପ୍ରତି ସାହିରେ କାଦୁଅ ପାଣିକୁ ଛାଙ୍କି ଲୋକମାନେ ବ୍ୟବ ?ହାର କରୁଛନ୍ତି । ଏହାକୁ ଅତ୍ୟନ୍ତ ଜରୁରୀ ଭାବି ୧୫ ଦିନ ଭିତରେ ସୁଧାର କରିବା ଆଦି ଦାବି ଉଲ୍ଲେଖ କରଯାଇଛି । ସେହିପରି ଶେଷ ଥର ପାଇଁ ୧୮.୦୩.୨୦୨୫ ମସିହାରେ ବାଲେଶ୍ୱର ପୌର ପରିଷଦର ବିଭିନ୍ନ ୱାର୍ଡ ରେ ଉନ୍ନତି ମୂଳକ କାର୍ଯ୍ୟ ହେବାପାଇଁ ଟେଣ୍ଡର କରାଯାଇଥିଲା । କିନ୍ତୁ ଅଦ୍ୟାବଧି ପରିଷଦର ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ କୌଣସି ଟେଣ୍ଡର ବାହାର କରାଯାଇ ନାହିଁ । ତେଣୁ ପୌର ପରିଷଦର ବିକାଶ ରେ ବାଧା ଉପୁଜିଛି । ଖୁବ୍ ଶୀଘ୍ର ଟେଣ୍ଡର କରାଯାଇ ବାକିଥିବା ଅନ୍ୟାନ୍ୟ ଉନ୍ନତି କାର୍ଯ୍ୟ ହାତ କୁ ନେବା ପାଇଁ କଂଗ୍ରେସ୍ ଦାବି କରିଛି । ସମସ୍ତ ୧୫ ଗୋଟି ଦାବୀ ଆସନ୍ତା ୧୫ ଦିନ ଭିତରେ ଆରମ୍ଭ କରା ନ ଗଲେ ବାଲେଶ୍ୱର ଟାଉନ କଂଗ୍ରେସ ପୌର ପରିଷଦ ସମ୍ମୁଖରେ ଧାରଣାରେ ବସିବ ବୋଲି ଚେତାବନୀ ଦିଆଯାଇଛି । ବରିଷ୍ଠ କାଉନସିଲର ତଥା କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା, ଟାଉନ ସଭାପତି ଅନୁପ କୁମାର ସ୍ୱାଇଁ, ଅର୍ଚନା ନନ୍ଦୀ,ଶ୍ରୀକାନ୍ତ ବୁଗୁଡ଼ାଇ,ଜୋସ୍ନା ସେନାପତି, ଶେଖ ନିଜାମୁଦିନ , ସେଖ୍ ଅସଗର ଅଲି ,ସାହେବା ଅଖତର , ଶେଖ କାଲାମ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ ।







## କେନ୍ଦ୍ରାଂଚଳ ଉପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଆଶୁତୋଷ ପାଇକରାୟ

କଟକ(ନିପ୍ର): ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଂଚଳ) ଭାବେ ଆଶୁତୋଷ ପାଇକରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିସହ ଶ୍ରୀ ପାଇକରାୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ । ୧୯୯୭ ବ୍ୟାଚର ଓଡିଶା ସୂଚନା ସେବା ଅଧିକାରୀ ଭାବରେ ନିଜର ବୃତିଗତ ଜୀବନ ଆରମ୍ଭ କରି ପ୍ରଥମେ ଅନୁଗୁଳ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ସେ ଯୋଗ ଦେଇଥିଲେ । ପରେ ସେ ନୀଳଗିରି, ବାଲେଶ୍ୱର, କଟକ ସଦର ଓ କଟକ ଜିଲ୍ଲା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦୀର୍ଘ ଦିନ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି । ପରେ ସେ ସୂଚନା ଓ ଲୋକସମ୍ପର୍କ ବିଭାଗର ଗବେଷଣା ଓ ସନ୍ଦର୍ଭ ଅଧିକାରୀ ଭାବେ ରାଜ୍ୟ ମୁଖ୍ୟାଳୟରେ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଆଇନ ବିଭାଗର ସୂଚନା ଅଧିକାରୀ ଭାବେ ମଧ ଦାୟିତ୍ୱ ତୁଲାଇଛନ୍ତି । ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା, ସରକାରୀ ସୂଚନା ପ୍ରସାରଣରେ ଦକ୍ଷତା ଓ ଲୋକସମ୍ପର୍କ କ୍ଷେତ୍ରରେ ବ୍ୟାପକ ଅନୁଭବକୁ ଆଧାର କରି ସେ କେନ୍ଦ୍ରାଂଚଳ ଅଧିନସ୍ଥ ୧୦ଟି ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ବ୍ୟବସ୍ଥାକୁ ସଶକ୍ତ କରିବା ସହ ଜନସାଧାରଣ ଓ ପ୍ରଶାସନ ମଧରେ ସୂଚନା ପ୍ରଦାନକୁ ଅଧିକ ସୁଦୃଢ଼ କରିବାକୁ ପ୍ରାଥମିକତା ଦେବେ ବୋଲି ମତବ୍ୟକ୍ତ କରିଛନ୍ତି । ବିଶେଷକରି ଡିଜିଟାଲ ମିଡିଆର ବ୍ୟବହାର ମାଧ୍ୟମରେ ସରକାରୀ ସୂଚନାର ବ୍ୟାପକ ପ୍ରସାର ଉପରେ ସେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥିସହ ସାମ୍ବାଦିକମାନଙ୍କ ସହ ଅଧିକ ସୁଦୃଢ଼ ସମନ୍ୱୟ ରକ୍ଷା ଦିଗରେ ମଧ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି ।

## ବୋମା ମାଡ଼ ଘଟଣା: ଅପରାଧୀ ବାପି ସରଖେଲଙ୍କ ଗିରଫ ଦାବି କଲେ ନିରଞ୍ଜନ





ପାରାଦୀପ(ନିପ୍ର): ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଘର ଉପରକୁ ଗତ ୨୯ ତାରିଖ ସନ୍ଧ୍ୟାରେ ପେଟ୍ରୋଲ ବୋମା ଫିଙ୍ଗି ଶିଳ୍ପ ନଗରୀ ପାରାଦୀପରେ ଆତଙ୍କ ଖେଳି ଯାଇଥିବା ବେଳେ ଏହି ଘଟଣା ଆଇନଶୃଙ୍ଖଳା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି । ପାରାଦୀପ ବନ୍ଦର ରାଜ୍ୟ ସମେତ ଦେଶ ଭିତରେ ମଧ ଏକ ନମ୍ବର ବନ୍ଦରର ମାନ୍ୟତା ପାଇଥିବା ବେଳେ ବର୍ତ୍ତମାନ ପାରାଦୀପ ଦେଶରେ ବଡ଼ ଇଣ୍ଡଷ୍ଟ୍ରିଆଲ ହବ ହେବାକୁ ଯାଉଛି । ରାଜ୍ୟ ଓ କେନ୍ଦ୍ର ସରକାର ପାରାଦୀପ ର ବିକାଶ କୁ ନେଇ ବହୁତ ବିକାଶ ର ସ୍ୱପ୍ନ ଦେଖୁଛନ୍ତି ବୋଲି କହୁଥିବା ବେଳେ ବର୍ତ୍ତମାନ ର ଏହି ଘଟଣା ଶିଳ୍ପ ଅନୁକୂଳ ବାତାବରଣ କୁ ନଷ୍ଟ କରିବାର ସଂକେତ ଦେଇଛି । ଏହି ଘଟଣାରେ ପୋଲିସ ଯେଉଁ କିଛି ଅପରାଧୀ ଙ୍କୁ ଥାନାରେ ଅଟକ ରଖିଛି ସେମାନେ ସମସ୍ତ ନିର୍ଦ୍ଦିଷ୍ଟ ଗ୍ୟାଙ୍ଗଷ୍ଟର ବାପୁ ପରିଡା ଗ୍ୟାଙ୍ଗ ର ସଦସ୍ୟ ବୋଲି ଅଭିଯୋଗ କରିଛି କଂଗ୍ରେସ । ଏ ସମ୍ପର୍କରେ ପାରାଦୀପ କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ନିର୍ବାଚନ ମଣ୍ଡଳୀ ର କଂଗ୍ରେସ ନେତା ନିରଞ୍ଜନ ନାୟକ ସୂଚନା ଦେଇ କହିଥିଲେ ଯେ ଏହି ଗ୍ୟାଙ୍ଗଷ୍ଟର ୨୦୦୫ ମସିହାରେ ସେତେବେଳର ବିଜେଡି ଯୁବନେତା ମୁନା ପତି ହତ୍ୟା କାଣ୍ଡରେ ସଂଶ୍ଲିଷ୍ଟ ହୋଇ ଜେଲ ଯାଇଥିଲା । ସେହିପରି ୨୦୦୩ ମସିହାରେ ବିଜେଡି ଓ ପାରାଦୀପ ବଣିକ ସଙ୍ଘ ସଭାପତି କିଶୋରୀ ପରିଡାଙ୍କୁ ବଜାର ଉପରେ ଦିବାଲୋକରେ ଗୋଡେଇ ଗୋଡେଇ ହାଣି ସେହି କେଶ ରେ ଜେଲ ମଧ ଯାଇଥିଲା । ପାରାଦୀପରେ ଏମିତି ୧୫ ରୁ ଉର୍ଦ୍ଧ୍ୱ ଅପରାଧିକ ଘଟଣାରେ ଏହି ଗ୍ୟାଙ୍ଗଷ୍ଟର ସଂଶ୍ଲିଷ୍ଟ । ବର୍ତ୍ତମାନ ପାରାଦୀପକୁ ଜେଏସଡବ୍ଲୁ ପ୍ରକଳ୍ପ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ର ପୁଞ୍ଜି ନିବେଶ କରିବା ଆରମ୍ଭ କଲାଣି । ଆଇଓସିଏଲର ନାଫତା କ୍ରାକର ଖୁବ ଶିଘ୍ର ୭୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିବାକୁ ଯାଉଛି । ଖୁବ ଶୀଘ୍ର ପାରାଦୀପରେ ଏକ ଏୟାରପୋର୍ଟ ମଧ ହେବାକୁ ଯାଉଛି ଏବଂ ଏହି ୫ ବର୍ଷ ମଧରେ ଆହୁରି ଅନେକ ଶିଳ୍ପର ସମ୍ଭାବନାକୁ ନେଇ ପାରାଦୀପ ଦେଶର ବୃହତ ଶିଳ୍ପ ନିର୍ମାଣ ହେବାକୁ ଯାଉଛି । ବର୍ତ୍ତମାନ ହୋଇଥିବା ବୋମା ମାଡ଼ ଘଟଣାରେ ସନ୍ଦେହ କରାଯାଉ ଥିବା ଗ୍ୟାଙ୍ଗଷ୍ଟର ର ପୃଷ୍ଠପୋଷକ ହେଉଛି ବାପି ସରଖେଲ ଏବଂ ଏ କଥା ସମସ୍ତ ପାରାଦୀପ ବାସୀ ଜାଣନ୍ତି । ଏଠାରେ ଉଲ୍ଲେଖ ଥାଉକି ପାରାଦୀପରେ ଯେତେ ଅପରାଧ ଘଟିଛି ୨୦୦୦ ମସିହା ରେ ପାରାଦୀପକୁ ବାପି ସରଖେଲ ଆସିଲା ପରେ ବୋଲି ଅଭିଯୋଗ କରିଛି କଂଗ୍ରେସ । ମୁନା ପତି ହତ୍ୟା ଘଟଣାରେ ସେତବେଳର ପୋଲିସ ବାପି ସରଖେଲ କୁ ସନ୍ଦେହ ରେ ପାରାଦୀପ ନ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲା କ୍ଷ ୨୦୦୭ ମସିହାରେ ରିଫାଇନେରୀ ପ୍ରକଳ୍ପ ପାଇଁ ୬୦ କୋଟିର ପୁଞ୍ଜି ନିବେଶ କାର୍ଯ୍ୟ ଆରମ୍ଭ କରାଗଲା । ସେତେବେଳେ ବାପି ସରଖେଲ ପାରାଦୀପ, କୁଜଙ୍ଗ ଓ କେନ୍ଦ୍ରାପଡା ଅଂଚଳରୁ ବିଭିନ୍ନ ଅପରାଧୀ ଯୁବକଙ୍କୁ ଆଣି ଏକ ସଂଗଠନ କରି ଆଇଓସିଏଲରେ ବିଭିନ୍ନ କମ୍ପାନୀକୁ ପ୍ରୋଟେକ୍ସନ ଦେବା ଆଳରେ ଶହ ଶହ କୋଟି ଟଙ୍କା ରୋଜଗାର କରିବାରେ ସଫଳ ହେଲା । ଯାହାକି ସେତେବେଳେ ବିଧାନ ସଭାରେ ବାପି ସରଖେଲକୁ ନେଇ ତୁମ୍ବି ତୁଫାନ ହୋଇଥିଲା । ସେତେବେଳରେ ଢ଼ିଙ୍କିଆରେ ଷ୍ଟିଲ ପ୍ଲାଂଟ ବସାଇବାକୁ ଆସିଥିବା ପୋସ୍କୋ କମ୍ପାନୀକୁ ପ୍ରୋଟେକ୍ସନ ଦବାକୁ ଯାଇ ଦୁର୍ଯ୍ୟୋଧନ ସ୍ୱାଇଁ କୁ ହତ୍ୟା କରିବା ଘଟଣାରେ ବାପି ସାରଖେଲ ଜେଲ ଯାଇଥିଲା । ସେହିପରି ଭାବେ ୨୦୧୬ ମସିହାରେ ଷ୍ଟିଭେଡୋର୍ସ ବିବାଦକୁ ନେଇ ସିଓ୍ୱେଜ କମ୍ପାନୀର ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କୁ ହତ୍ୟା ଅଭିଯୋଗରେ ଜେଲ ଯାଇଥିଲା ସରଖେଲ । ୨୦୨୩ ମସିହାରେ ବାପି ସରଖେଲ ଗ୍ୟାଙ୍ଗଷ୍ଟର ବାପୁ ପରିଡା କୁ ନେଇ ଏନଆରଏଲ କମ୍ପାନୀକୁ ପ୍ରୋଟେକ୍ସନ ଦେଇ ଶହ ଶହ କୋଟି ଟଙ୍କା ମୁନାଫା ନେଉଥିବା ବେଳେ ଏହାକୁ ସେତେବେଳର ସ୍ଥାନୀୟ ବିଜେଡି ନେତା ମାନେ ଏବଂ ଜଣେ ଯୁବ ଶ୍ରମିକ ନେତା ବିରୋଧ କରିବାରୁ ବାପି ସରଖେଲ ଗ୍ୟାଙ୍ଗଷ୍ଟର ବାପୁ ପରିଡାକୁ ଲଗାଇ ତାରିଣୀ ଗଡାରେ ଏକ କମ୍ପାନୀ ଗେଷ୍ଟ ହାଉସରେ ଗୁଳିକାଣ୍ଡ ଘଟାଇ ସେହି ଯୁବ ଶ୍ରମିକ ନେତାଙ୍କୁ ଫସାଇ ଦିଆଯାଇଥିଲା ।

## ପ୍ରାକ୍ତନ ପ୍ରାନ୍ତ ସହ ସଂଘ ଚାଳକଙ୍କୁ ଭେଟି ଡାକ୍ତର ବାବୁ ପୁସ୍ତକ ପ୍ରଦାନ କଲେ କାଳନ୍ଦି ସାମଲ



ତାଳଚେର(ନିପ୍ର): ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ରାଜ୍ୟ ବିଜେପି ସଭାପତି ସ୍ୱର୍ଗତ ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ରେ ଡାକ୍ତର ବାବୁ ପୁସ୍ତକ ପ୍ରକାଶିତ ହୋଇଥିଲା । ବିଜେପି ର ରାଜ୍ୟ ସମ୍ପାଦକ ତଥା ଉପନ୍ୟାସିକ ଉକ୍ତ ପୁସ୍ତକ ର ରଚୟିତା କାଳନ୍ଦି ସାମଲ ସୋମବାର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ଙ୍କୁ ଭେଟି ଡାକ୍ତର ବାବୁ ପୁସ୍ତକ ପ୍ରଦାନ କରିଛନ୍ତି । ଅନୁଗୁଳ ଜିଲ୍ଲା ବନରପାଳ ବ୍ଲକର ପାଣି ଓଳା ଗ୍ରାମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ପ୍ରାକ୍ତନ ପ୍ରାନ୍ତ ସହ ସଂଘ ଚାଳକ ବିଶିଷ୍ଟ ଶିକ୍ଷାବିତ ତଥା ଲେଖକ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଧର ଙ୍କୁ ଭେଟି ଉକ୍ତ ପୁସ୍ତକ ପ୍ରଦାନ କରିଛନ୍ତି । ୧୯୮୦ ମସିହାର ସେ ସମୟର ଅନୁଭୂତି ଉପରେ ଆଲୋଚନା ଧର ପ୍ରକାଶ କରିଥିଲେ । ସଂଘ ର ଜିଲ୍ଲା ସହ କାର୍ଯ୍ୟବାହ ବାବୁଲି ସାମଲ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମାୟାଧର ସାହୁ, କ୍ଷେତ୍ରୀୟ ଗଣମାଧମ ସଂଯୋଜକ ପର୍ଶୁରାମ ବାରିକ, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ଶଙ୍କରାଚାର୍ଯ୍ୟ ଙ୍କ ସେବା ସଚିବ ବରୁଣ କୁମାର ସାହୁ, ଜଗଦୀଶ ମିଶ୍ର, ଜଗଦୀଶ ପ୍ରସାଦ ସିଂହ ଓ ବିମଳ ସାମଲ ଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇଥିଲେ ।

## ଭଙ୍ଗା ଦଦରା ଘରେ ରହୁଥିବା ଲୋକଙ୍କ ଘର ଘର ବୁଲି ସମୀକ୍ଷା କଲେ ବ୍ଲକ ଅଧକ୍ଷା



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ର ଲଛିପୁର ଗାଁ ର ସତନାମି ପଡା ରେ ରହୁଥିବା ୧୫ ଟି ଗରିବ ପରିବାର ଭଙ୍ଗା ଦଦରା ଘରେ କଷ୍ଟ ଦାୟକ ଜୀବନ ବିତାଉଛନ୍ତି । ଏହା ଜାଣିବା ପରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଓ ବ୍ଲକ କର୍ମଚାରୀ ଉକ୍ତ ପଡ଼ାକୁ ପହଂଚି ଲୋକଙ୍କୁ ଭେଟି ସମସ୍ୟା ଅନୁଧ୍ୟାନ କ କରିଛନ୍ତି । ଲୋକେ ଭଭଙ୍ଗା ଦଦ ଦରା ଘରେ ବର୍ଷ ବର୍ଷ ଧରି ରହି ଆସିଥିବା ଜଣାଇବା ସହ ଶୀଘ୍ର ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରିଥିଲେ । ପ୍ରଶାସନ ଘର ନଥିବା ପରିବାରର କାଗଜ ପତ୍ର ସଂଗ୍ରହ କରିବା ସହ ଅନ ଲାଇନ୍ ବ୍ୟବସ୍ଥା କରିଛନ୍ତି । ଆସନ୍ତା ଦୁଇ ରୁ ତିନି ମାସ ମଧରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଘର ଯୋଗାଇ ଦିଆଯିବ ବୋଲି ବ୍ଲକ ଅଧକ୍ଷା କହିଛନ୍ତି । ସେହିପରି ଯେଉଁ ମାନଙ୍କୁ ରାସନ୍ କାର୍ଡ ମିଳି ନାହିଁ ସେମାନଙ୍କୁ ଯଥା ଶୀଘ୍ର ରାସନ୍ କାର୍ଡ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ଉଲ୍ଲେଖ ଯୋଗ୍ୟ ଯେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଲଛିପୁର ଗାଁ ର ସତନାମୀ ପଡା ରେ ରୁହନ୍ତି ୨୫ ପରିବାର । ସେଥି ମଧରୁ ୧୫ ପରିବାର ବିପଦ ସଙ୍କୁଳ ଅବସ୍ଥା ରେ ଅଧା ଛାତ ଥିବା ଭଙ୍ଗା ଦଦରା ଘରେ ପଡି ରହିଛନ୍ତି । କୁଲି ମଜୁରୀ କରୁଥିବା ଏହି ଲୋକ ମାନଙ୍କ ପାଇଁ ଘର ନିର୍ମାଣ ଏକ ସପ୍ନ ହୋଇ ପଡ଼ିଛି । କେ କେତେବେଳେ ଘର ସଂପୂର୍ଣ ଭାଙ୍ଗିଯିବ ସେହି ଭୟ ରେ ଲୋକେ ରହିଛନ୍ତି । ବର୍ଷା ହେଲେ ଭଙ୍ଗା ଘର ଛାଡ଼ି ଅନ୍ୟ କାହାର ବାରଣ୍ଡା ରେ ଆଶ୍ରୟ ନେବାକୁ ପଡୁଥିବା ଲୋକେ ପ୍ରକାଶ କାଶ କରିଛନ୍ତି ୧ ଖାଦ୍ୟ ବସ୍ତ୍ର ବାସଗୃହ ଲୋକଙ୍କ ମୌଳିକ ଅଧିକାର ହୋଇଥିବା ବେଳେ ଭଙ୍ଗ ଭଙ୍ଗା ଦରା ଘରେ ଏହି ପଡ଼ାବାସୀ ପଡ଼ି ରହିଛନ୍ତି । ସର୍ଭେ ପରେ ସର୍ଭେ ହେଉଛି, ପ୍ରତିଶ୍ରୁତି ମଧ ମିଳୁଛି କିନ୍ତୁ ଘର ଖଣ୍ଡେ ମିଳୁନି । କିଛି ପରିବାରର ଘରଡିହ ନଥିବା ବା ବେଳେ ଅନ୍ୟ ଲୋକଙ୍କ ଜାଗାରେ ଭଙ୍ଗା ଦଦରା ଘର କରି ରହୁଛନ୍ତି । ବାରମ୍ବାର ଲେଖି କି ଦେଲେ ମଧ୍ୟ ପ୍ରଶାସନ ଶୁଣୁ ନଥିବା ସେମାନେ କହିଛନ୍ତି । ତେଣୁ ଆଜି ଲାଛିପୁର ଗାଁ ସତାନାମି ପଡା ବାସୀଙ୍କୁ ବ୍ଲକ କୁ ଡାକି ଅନଲାଇନ କାର୍ଯ୍ୟ କରେଇ ଥିଲେ । ବ୍ଲକ ଅଧକ୍ଷା ତାଙ୍କର ପ୍ରତିଶ୍ରୁତି କୁ ଦୁଇ ମାସ ଭିତରେ ପୁରାଣ କରିବେ ବୋଲି ଗ୍ରାମ ବାସୀ ଆଶା ରଖୁଛନ୍ତି ।

## ଅସାବଧାନତା ଯୋଗୁଁ ଚାଲିଗଲା ଜୀବନ

ଉଦଳା(ନିପ୍ର): ଉଦଳା ଥାନା ନିକଟସ୍ଥ ଜୁଆଳିଆ ଗାଁରେ ସାମାନ୍ୟ ଅସାବଧାନତା ଯୋଗୁଁ ୩୭ ବର୍ଷର ଯୁବକ ମୃତ୍ୟୁ ହୋଇଛି । ଉଦଳା ଥାନା ଜୁଆଳିଆ ଗ୍ରାମରେ ଅପରାହ୍ନ ସମୟରେ ଘଟି ଯାଇଛି ଏକ ହୃଦୟ ବିଦାରକ ଘଟଣା... ଗ୍ରାମର ସନାତନ ଖଡ଼ିକା ଙ୍କ ଘର ବାଡ଼ିରେ ଏକ ଡୁଡୁରା ଗଛ କଟର ମେସିନରେ କଟା ହେଉଥିଲା । ଗଛ କଟା ଯିବା ସମୟରେ ଗଛଠାରୁ କିଛି ଦୂରରେ ଗ୍ରାମର କିଛି ଲୋକ ରସି ରେ ଗଛ ଡାଳକୁ ବାନ୍ଧି ଘୋଷାଡ଼ିବା ସମୟରେ ଘଟିଥିଲା ବଡଧରଣର ଅଘଟଣ ଯାହା ଫଳରେ ଗ୍ରାମର ଯୁବକ ବସନ୍ତ କୁମାର ଦାସ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ସେ ଏକ ରସି ଧରି ନିଜ ହାତରେ ରସିଟି ଗୁଡ଼ାଇ ଧରି ଗଛ ଠାରୁ କିଛି ଦୂରରେ ଛିଡା ହୋଇଥିଲେ । ଗଛଟି କଟା ହେଉଥିବା ସମୟରେ ନିକଟରେ ଥିବା ବିଦ୍ୟୁତ ତାର ଉପରେ ଗଛର ଗଣ୍ଡିଟି ପଡି ଯିବାରୁ ଗଣ୍ଡିଟି ବିଦ୍ୟୁତ ତାର ରେ ଝୁଲି ହୋଇ ରହିଥିଲା ଓ ବସନ୍ତ ଧରିଥିବା ରସିଟି ହାତରୁ ଖୋଲି ପାରି ନ ଥିବାରୁ ବସନ୍ତ ରସିରେ ଘୋଷାଡ଼ି ହୋଇ ନିକଟରେ ତଳେ ପଡ଼ିଥିବା ଏକ ବିଦ୍ୟୁତ ଖୁଂଟରେ ବାଡେଇ ହୋଇଥିଲେ । ଯାହାଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଉଦଳା ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରି ବ୍ୟବଚ୍ଛେଦ ନିମନ୍ତେ ଉଦଳା ମେଡିକାଲର ଶବ ଗୃହକୁ ପଠାଇ ଦେଇଛନ୍ତି । ଜୁଆଳିଆ ଗ୍ରାମରେ ଶୋକର ଛାୟା ଖେଳି ଯାଇଅଛି । ଟିକିଏ ଅସାବଧାନତା ହେତୁ ଯୁବକଙ୍କ ଜୀବନ ଚାଲି ଯାଇଅଛି । ଏହିସୂଚନା ପାଇ ଉଦଳା ପୋଲିସ ମେଡିକାଲରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ



ଧାମନଗର(ନିପ୍ର): ସ୍କୁଲ ଛାତ୍ରଛାତ୍ରୀଙ୍କ ସାଧାରଣ ସୁରକ୍ଷା, ଉନ୍ନତ ପରିବେଶର ବିକାଶ ଏବଂ ସର୍ବାଙ୍ଗୀନ ଉନ୍ନତିକୁ ଦୃଷ୍ଟିରେ ରଖି ଧାମନଗର ପଂଚାୟତ ସମିତି ସଭାଗୃହଠାରେ 'ସମଗ୍ର ଶିକ୍ଷା' ଯୋଜନା ସମ୍ପର୍କିତ ଏକ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନ ଶୁଣାଣି ଶିବିର ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷର 'ସମଗ୍ର ଶିକ୍ଷା' ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମଗୁଡ଼ିକର ସାମାଜିକ ସମୀକ୍ଷା କରାଯାଇଥିଲା । କାର୍ଯ୍ୟକ୍ରମରେ ଧାମନଗର ଶିକ୍ଷା ମଣ୍ଡଳ ଓ ଓସାଟ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଅତିଥି ଭାବେ ଧାମନଗର ପଂଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ବିଡ଼ିଓ ବନ ବିହାରୀ ଦିନ୍ଧା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସଂମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ ସାହୁ ଙ୍କ ସଂଚାଳନା । ବି ଆରସି ହୀମସେନ ହୋ, ଏବିଇଓ ସତ୍ୟପ୍ରିୟ ସୁନ୍ଦର ପରିଡା, ଡି ଏସ ଏ ସତ୍ୟ ଜିତି ପୃଷ୍ଟି, ଜିଲ୍ଲା ସାମାଜିକ ସମୀକ୍ଷକ ବିଭୁଦତ ରାଉତ ପ୍ରମୁଖ ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ, ଭି ଆର ପି ଓ ପରିଚାଳନ କମିଟି ର ସଦସ୍ୟ ମାନଙ୍କୁ ନେଇ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରା ଯାଇଥିଲା । ବିଦ୍ୟାଳୟ ର ବିଭିନ୍ନ ସୁବିଧା ଅସୁବିଧା ଓ ତାର ନିରାକରଣ ଉପରେ ମଧ ଆଲୋଚନା କରା ଯାଇଥିଲା ।

**NOTICE**

By virtue of an affidavit sworn before Executive Magistrate, Balasore, No.-4016 dated 30.05.2026 I, Choudhury Prabodh Kumar Das Mohapatra, Address At.-Gandhi Nagar, Karanjia, P.S.-Sadar, P.O./Dist.-Balasore, Odisha, Pin-756001 declare that I have changed my name from C P Dasmohapatra to Choudhury Prabodh Kumar Das Mohapatra. Henceforth, I shall be known as Choudhury Prabodh Kumar Das Mohapatra for all purposes.

Sd/-
**Choudhury Prabodh Kumar Das Mohapatra**



**AFFIDAVIT**



By virtue of an affidavit sworn before Executive Magistrate, Balasore dated 01.06.2026, I, Masuma Tanweer, aged about 34 years, D/o- Tanweer Ahmad, W/o- Md. Zaffar Iqbal resident of At- Hayat Residency, Near Permit Ghat, Port Road, Po- Sunhat, Ps- Town, Dist- Balasore, Odisha declare that I have changed my father's name from Md. Tanweer Ahmad to Tanweer Ahmad. Henceforth, he shall be known as Tanweer Ahmad for all purposes.

Sd/-
**Masuma Tanweer**

## 'ଅଧ୍ୟୟନ'ରେ ପଢ଼ି ସଫଳତା ପାଇଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲା ପାଠାଗାର ଅଧ୍ୟୟନ ରେ ପଢ଼ି ବିଭିନ୍ନ ବିଭାଗରେ ଚାକିରି ପାଇଁ ଉତୀର୍ଣ୍ଣ ହୋଇଥିବା କୃତି ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛି ନୟାଗଡ଼ ପୌରପରିଷଦ । ଏହି ସମ୍ବର୍ଦ୍ଧନା ସମାରୋହ ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି । ଦୁଇ ବର୍ଷରେ ସମୁଦାୟ ୨୭ ଏହି ପାଠାଗାର ରେ ପଢ଼ି ସଫଳତା ପାଇଥିବା ସୂଚନା ଦେଇଛି ପୌରପରିଷଦ । ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବାରେ ସଫଳତାର ସହ ଉତୀର୍ଣ୍ଣ ହୋଇଥିବା ନୟାଗଡ଼ ସହର ର ଅଦିତ୍ୟ ନାରାୟଣ ବରାଡ଼ ଓ ପ୍ରତୀକ୍ଷା ପ୍ରିୟଦର୍ଶିନୀଙ୍କ ସମେତ ୧୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର ସମ୍ବର୍ଦ୍ଧନା ଉତ୍ସବ ରେ ମୂଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧକ୍ଷା ଶ୍ରୀମତୀ ନିରୁପମା ଖଟେଇ, ଡେପୁଟି କଲେକ୍ଟର ତପତି ରାଜ ଏବଂ ସ୍ୱାତି ନାୟକ, ପୌରପରିଷଦ ଉପାଧକ୍ଷ ଗୁରୁ ପ୍ରସାଦ ଜେନା ଓ ପୌରପରିଷଦ ର କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ । ଉଭୟ ଡେପୁଟି କଲେକ୍ଟର ତପତି ରାଜ ଏବଂ ସ୍ୱାତି ନାୟକ ଉପସ୍ଥିତ ଆଶାୟୀ ପ୍ରାର୍ଥୀ ମାନଙ୍କୁ ଚାକିରି ପାଇଁ କିପରି ପ୍ରସ୍ତୁତି କରିବେ ସେ ନେଇ ଖୁବ୍ ସୁନ୍ଦର ଭାବେ ନିଜର ସଂଘର୍ଷ ର ଯାତ୍ରା ବିଷୟରେ କହି ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ପିଲାମାନଙ୍କୁ ଏକାଗ୍ରତା ରଖିବା, ଶୃଙ୍ଖଳିତ ରହିବା ସହ ନିରବଚ୍ଛିନ୍ନ ଭାବେ ଲକ୍ଷ୍ୟ ସ୍ଥଳକୁ ଆଗେଇଲେ ନିଶ୍ଚୟ ସଫଳତା ମିଳିବ ବୋଲି କହିଥିଲେ । ଡ଼ ସାହୁ ଏକ ପ୍ରେଜେଂଟେସନ ମାଧ୍ୟମରେ ଇଂଟରଭିୟୁ ରେ କିପରି ସଫଳତା ମିଳିବ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଅବିଭାବକ, ସାମ୍ବାଦିକ, ବୁଦ୍ଧିଜୀବୀଙ୍କ ଏବଂ ବିଶେଷ କରି ଯୁବପିଢ଼ି ଉପସ୍ଥିତି ରହିଥିଲେ । କାର୍ଯ୍ୟକ୍ରମକୁ କବି ଗୋପୀନାଥ ସେଠୀ ସଂଯୋଜନା କରିଥିବାବେଳେ, ଲାଇବ୍ରେରୀଆନ ସସ୍ମିତା ମହାନ୍ତି ଓ ପୌରପରିଷଦର କର୍ମଚାରୀ ମାନେ ସହାୟତା କରିଥିଲେ । ପରିଶେଷରେ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।




ଯାହାର ହୃଦୟଟି ଭଲ, ସେ ଅଗାଧ ସମ୍ପତିର ଅଧିକାରୀ ।
(ସେକସ୍‌ପିଅର)

# ଆଜିକାଲି



'ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ । ନାଭିନନ୍ଦତି ନଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠାତା ।''
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ସର୍ବତ୍ର ଅନାସକ୍ତ ହୋଇ ଶୁଭବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ।

## ଅଳିଆ ଗଦାରେ ତମାଖୁ ଆଇନ

ମୁଖଗହ୍ୱର କର୍କଟ ରୋଗର ଅନ୍ୟତମ ସାରଥି କୁହାଯାଉଥିବା ତମାଖୁକୁ ବର୍ଜନ ପାଇଁ ସରକାର ପ୍ରଣୟନ କରୁଥିବା ଆଇନ ବର୍ଷ ବର୍ଷ ଧରି ଅଳିଆ ଗଦାରେ ପଡ଼ି ରହୁଥିବାରୁ ତମାଖୁ ବ୍ୟବହାର ନିଷିଦ୍ଧ ହେବା ପରିବର୍ତେ ବଢ଼ି ବଢ଼ି ଚାଲିଛି । ବର୍ଷରେ ଗୋଟିଏ ଦିନ ସରକାରୀ ଓ ବେସରକାରୀ ସ୍ତରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରି ଅବଶିଷ୍ଟ ୩୬୪ ଦିନ ତମାଖୁ ପ୍ରସାରଣ କାର୍ଯ୍ୟରେ ବ୍ୟବସ୍ଥା ମନପ୍ରାଣ ଦେଇ ଲାଗି ପଡୁଛି ବୋଲି ଗୁରୁତର ଅଭିଯୋଗ ହେଉଛି । ୨୦୧୩ ଜାନୁଆରୀ ମାସରୁ ଗୁଟଖା ସମେତ ଅନ୍ୟ କେତେକ ତମାଖୁ ସାମଗ୍ରୀର ଉତ୍ପାଦନ, ବିପଣନ ଓ ବ୍ୟବହାରକୁ ଓଡ଼ିଶାରେ ଆଇନତଃ ନିଷିଦ୍ଧ କରାଯାଇଛି । ରାଜ୍ୟ ସରକାର ଏ ବାବଦରେ ବର୍ଷକୁ ୫୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହରାଉଥିବାବେଳେ ତମାଖୁ ଓ ଗୁଟଖା ବ୍ୟବହାର କିନ୍ତୁ ବଢ଼ି ବଢ଼ି ଚାଲିଛି । ଆଉ ଲୁଚା ଛପାରେ ନୁହେଁ, ଖୋଲାଖୋଲି ଭାବେ ଦୋକାନମାନଙ୍କରେ ଏହି ବିପଜ୍ଜନକ ସାମଗ୍ରୀ ମାଳ ମାଳ ବିକ୍ରି ହେଉଛି । ଏମିତିକି ସରକାରୀ ଦପ୍ତର ଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ଜେଲଖାନା ପର୍ଯ୍ୟନ୍ତ ଚାରିଆଡ଼େ ଏହି ନିଷିଦ୍ଧ ନିଶା ସାମଗ୍ରୀ ବ୍ୟାପକ ପରିମାଣରେ ଉପଲବ୍ଧ ହେଉଛି । ସେହିଭଳି ଶିକ୍ଷାନୁଷ୍ଠାନ ଗୁଡ଼ିକ ଠାରୁ ୧୦୦ ମିଟର ଦୂରତା ମଧ୍ୟରେ ତମାକୁ ବିକ୍ରି କରାଯାଇ ପାରିବନାହିଁ ବୋଲି କୋଟପା ଆଇନରେ ସ୍ପଷ୍ଟ ବ୍ୟବସ୍ଥା ଥିଲେ ମଧ୍ୟ ସଂଖ୍ୟାଧିକ ଶିକ୍ଷାନୁଷ୍ଠାନ କଡ଼ରେ ଏହା ବିକ୍ରୟ ଚାଲିଛି ଏବଂ କେତେକ ସ୍ଥଳରେ ଶିକ୍ଷାନୁଷ୍ଠାନ ଭିତରେ ବି ଏହାର ବ୍ୟବହାର ସହିତ ପ୍ରଚାର ପ୍ରସାର ହେଉଛି । ଗୁଟଖା ଓ ତମାଖୁ ପ୍ରସ୍ତୁତ କରୁଥିବା କେତେକ କମ୍ପାନୀ ନିଜର ଅନ୍ୟ ଉତ୍ପାଦନ ସାମଗ୍ରୀ ଆଳରେ ଗଣମାଧ୍ୟମରେ ବି ଖୋଲା ବିଜ୍ଞାପନ ଦେଉଛନ୍ତି । ଯେଉଁମାନେ ଏହି ବେଆଇନ କାରବାରକୁ ଧରି ଆଇନ ଉଲ୍ଲଘଂନକାରୀଙ୍କୁ ଦଣ୍ଡିତ କରିବା କଥା ସେମାନେ ଏହି ବେଆଇନ କାରବାରକୁ ଦେଖି ନଦେଖିବା ଭଳି ଆଖି ବୁଜି ଦେଉଛନ୍ତି । ସର୍ବସାଧାରଣ ସ୍ଥାନରେ ଧୂମପାନ, ନିଶା ସେବନ ଓ ଛେପ ପକାଇବା ଆଇନତଃ ଦଣ୍ଡନିଧି ଅପରାଧ ହୋଇଥିଲେ ବି ପାର୍କ, ସର୍ବସାଧାରଣ ରାସ୍ତା ଠାରୁ ଆରମ୍ଭ କରି ଦପ୍ତର ପର୍ଯ୍ୟନ୍ତ ଏହି ନିଶା କାରବାର ଚାଲୁଛି ଏବଂ ଅନେକ ସ୍ଥାନରେ ସରକାରୀ କୋଠାବାଡ଼ି ଭିତରେ ପାନ, ଗୁଟଖା ଛେପର ଦାଗ ଜଳ ଜଳ ହୋଇ ଦିଶୁଛି । ଅନ୍ୟପକ୍ଷରେ ନିଶା ସେବନ ଯୋଗୁଁ କର୍କଟ ବ୍ୟାଧି ଭୟଙ୍କର ଭାବେ ବ୍ୟାପୁଥିବାବେଳେ ଚିକିତ୍ସା ପାଇଁ ବହୁ ପରିବାର ବରବାଦ ହେଉଛନ୍ତି ଏବଂ ରାଜକୋଷରୁ ବି ଏହା ବାବଦରେ ପାଣି ଭଳି ଅର୍ଥ ଖର୍ଚ୍ଚ ହେଉଛି ।



◆ଶ୍ରୀ ପୀୟୁଷ ଗୋୟଲ


## ଉପସାଗରୀୟ ଅଂଚଳ ସହ ନୂଆ ସଂଯୋଗ; ଲାଭବାନ ହେବେ ଶ୍ରମିକ, କୃଷକ ଓ ଏମ୍ଏସ୍ଏମ୍ଇ

ଭାରତ-ଓମାନ ମୁକ୍ତ ବାଣିଜ୍ୟ ଚୁକ୍ତି ଜୁନ୍ ୧ ରୁ କାର୍ଯ୍ୟକାରୀ ହେବାକୁ ଯାଉଛି, ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ମିଶନର ସଫଳତାକୁ ଦର୍ଶାଉଛି । ଏହି ଚୁକ୍ତି ମାଧ୍ୟମରେ ଭାରତର ଛାତ୍ରଛାତ୍ରୀ, କାରିଗର, ମହିଳା, ଚାଷୀ, ମତ୍ସ୍ୟଜୀବୀ ଏବଂ ଏମଏସଏମଇ ମାନଙ୍କ ପାଇଁ ବିଶ୍ୱସ୍ତରୀୟ ସମୃଦ୍ଧିର ନୂଆ ପଥ ଉନ୍ମୁକ୍ତ ହେବ । ନୂତନ ବଜାର ସୃଷ୍ଟି କରିବା ସହିତ ନିଯୁକ୍ତି ସୁଯୋଗକୁ ତ୍ୱରାନ୍ୱିତ କରି ଭାରତୀୟ ବର୍ଗଙ୍କୁ ସ୍ୱାବଲମ୍ବୀ ଓ ଆର୍ଥିକ ସମୃଦ୍ଧ କରିବା ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ଅଟେ । ଓମାନ ସହିତ ଭାରତର ଗଭୀର ଅର୍ଥନୈତିକ ଏବଂ ପାରସ୍ପରିକ ଜନସମ୍ପର୍କ ରହିଛି । ବର୍ତମାନ ଓମାନରେ ପ୍ରାୟ ୭ ଲକ୍ଷ ଭାରତୀୟ ବସବାସ କରୁଛନ୍ତି, ଯେଉଁଥିରେ କିଛି ଏଭଳି ବ୍ୟବସାୟୀ ପରିବାର ମଧ୍ୟ ସାମିଲ ଅଛନ୍ତି ଯାହାଙ୍କର ଚେର ସେଠାରେ ୨୦୦ ରୁ ୩୦୦ ବର୍ଷ ପୁରୁଣା । ଓମାନରୁ ଭାରତକୁ ବାର୍ଷିକ ପ୍ରାୟ ୨ ବିଲିୟନ ଡଲାରର ରେମିଟାନ୍ସ (ବିଦେଶୀ ମୁଦ୍ରା ପଠାଣ) ଆସୁଥିବା ବେଳେ, ସେଠାରେ ୬,୦୦୦ ରୁ ଅଧିକ ଭାରତୀୟ ପ୍ରତିଷ୍ଠାନ ଓ ଉଦ୍ୟୋଗ ସଫଳତାର ସହ କାର୍ଯ୍ୟ କରୁଛନ୍ତି । ଦୁଇ ଦେଶ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଭାଗୀତା ଚୁକ୍ତିନାମା (ସି.ଇ.ପି.ଏ.) ଅର୍ଥନୈତିକ ଏବଂ ରଣନୈତିକ ସମ୍ପର୍କକୁ ଗୁରତ୍ୱପୂର୍ଣ୍ଣ ଭାବରେ ନିବିଡ଼ କରିଥାଏ । ଏହା ତୁରନ୍ତ ୯୯.୩୮ ପ୍ରତିଶତ ରପ୍ତାନିକୁ କଭର କରୁଥିବା ୯୮% ଟାରିଫ୍ ଲାଇନକୁ ଓମାନରେ ୧୦୦ ପ୍ରତିଶତ ଶୁଳ୍କ-ମୁକ୍ତ ବଜାର ପ୍ରବେଶର ସୁଯୋଗ ପ୍ରଦାନ କରେ । ଏହା ପୂର୍ବ ବ୍ୟାପକ ଅର୍ଥନୈତିକ ସହଭାଗୀତା ଚୁକ୍ତିନାମା (ସି.ଇ.ପି.ଏ.) ବ୍ୟବସ୍ଥା ତୁଳନାରେ ଏକ ନାଟକୀୟ ଉନ୍ନତି ଦର୍ଶାଉଛି ଯାହା ଭାରତର ରପ୍ତାନିର କେବଳ ୧୫.୩ ପ୍ରତିଶତକୁ ଶୂନ୍ୟ ଶୁଳ୍କରେ ଓମାନରେ ପ୍ରବେଶ କରିବାକୁ ଅନୁମତି ଦେଇଥିଲା । ଭାରତରୁ ଯେଉଁ ସାମଗ୍ରୀଗୁଡ଼ିକ ବର୍ତମାନ ଓମାନରେ ୫ ପ୍ରତିଶତ ଆମଦାନି ଶୁଳ୍କ ସମ୍ମୁଖୀନ ହେଉଛି, ଯାହାର ରପ୍ତାନି ପ୍ରାୟ ୩.୬୪ ବିଲିୟନ ଡଲାର ମୂଲ୍ୟ, ତାହା ଯଥେଷ୍ଟ ଅଧିକ ପ୍ରତିଯୋଗିତାମୂଳକ ହୋଇଯିବ । ଭାରତର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.)ମାନଙ୍କ ପାଇଁ, ଏହି ଚୁକ୍ତି ପଟ୍ଟ ପରିବର୍ତନକାରୀ ସାବ୍ୟସ୍ତ ହୋଇପାରେ; କାରଣ ସି.ଇ.ପି.ଏ.ରୁ ଲାଭ ପାଉଥିବା ଅନେକ କ୍ଷେତ୍ର ଛୋଟ ବ୍ୟବସାୟ ଦ୍ୱାରା ପ୍ରାଧାନ୍ୟ ପାଇଥାଏ । ଲୁହା ଏବଂ ଇସ୍ପାତ, ବୟନଶିଳ୍ପ, ଚମଡା, ଅଟୋ ଉପାଦାନ ଏବଂ ଶିଳ୍ପ ଉପକରଣ ଏପରି କିଛି କ୍ଷେତ୍ର ଯେଉଁଠାରେ ଭାରତର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଗୁଡ଼ିକୁ ବଡ଼ ଅନ୍ତର୍ଜାତୀୟ ଅର୍ଡର ମିଳିବାର ଆଶା କରାଯାଉଛି, ଯାହା ଉତ୍ପାଦନ, ନିବେଶ ଏବଂ ନିଯୁକ୍ତିକୁ ବୃଦ୍ଧି କରିବ । କ୍ରମବର୍ଦ୍ଧିଷ୍ଣୁ ବିଶ୍ୱ ଅସ୍ଥିରତାର ଯୁଗରେ, ସି.ଇ.ପି.ଏ ଭାରତୀୟ ରପ୍ତାନିକାରୀ ମାନଙ୍କୁ ବଜାର ବିବିଧ କରିବା ଏବଂ ଆର୍ଥିକ ମାନ୍ଦାବସ୍ଥା ଏବଂ ବଢୁଥିବା ବାଣିଜ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ପାରମ୍ପରିକ ଗନ୍ତବ୍ୟସ୍ଥଳ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ । ନିଯୁକ୍ତି ସୃଷ୍ଟି - ବାଣିଜ୍ୟ ଚୁକ୍ତି ଶ୍ରମ- ସଘନ କ୍ଷେତ୍ର ଯେପରିକି ବୟନଶିଳ୍ପ ଏବଂ ପୋଷାକ, ଚମଡା ଏବଂ ଜୋତା, ଖାଦ୍ୟ ପ୍ରକ୍ରିୟାକରଣ, ସାମୁଦ୍ରିକ ଉତ୍ପାଦ, ରତ୍ନ ଏବଂ ଅଳଙ୍କାର ଏବଂ ଚୟନିତ ଇଞ୍ଜିନିୟରିଂ କ୍ଷେତ୍ରକୁ ଲାଭ ପହଂଚାଏ, ଯାହା ଭାରତରେ ପ୍ରମୁଖ ନିଯୁକ୍ତିଦାତା । ଓମାନକୁ ବର୍ଦ୍ଧିତ କପଡ଼ା ରପ୍ତାନି ତିରୁପୁର, ସୁରଟ, ଲୁଧିଆନା, ପାନିପତ, କୋଏମ୍ବାଟୁର, କରୁର, ଭାଦୋହି, ମୋରାଦାବାଦ, ଜୟପୁର ଏବଂ ଅହମ୍ମଦାବାଦ ଭଳି ପ୍ରମୁଖ କ୍ଲଷ୍ଟରରେ ଉତ୍ପାଦନ ବୃଦ୍ଧି କରିବ ଏବଂ ନିଯୁକ୍ତି ସୃଷ୍ଟି କରିବ । ଭାରତର କାରିଗର ଏବଂ ବୁଣାକାରମାନେ ମଧ୍ୟ ସେମାନଙ୍କ ଉତ୍ପାଦର ଉଚ୍ଚ ଅନ୍ତର୍ଜାତୀୟ ଚାହିଦାରୁ ପର୍ଯ୍ୟାପ୍ତ ସୁଫଳ ପାଇପାଇବେ । ଭାରତର ପ୍ରମୁଖ ଚମଡା ଏବଂ ଜୋତା ହବ୍, ବିଶେଷ କରି ତାମିଲନାଡୁ, ଉତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ସହିତ ମହାରାଷ୍ଟ୍ର, ପଞ୍ଜାବ, କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶର କିଛି ଅଂଶରେ ମଧ୍ୟ ଅନେକ ନିଯୁକ୍ତି ସୃଷ୍ଟି ହେବ । ରତ୍ନ ଏବଂ ଅଳଙ୍କାର କ୍ଷେତ୍ର ହେଉଛି ସି.ଇ.ପି.ଏ. କିପରି ନିଯୁକ୍ତି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ତାହାର ଆଉ ଏକ ପ୍ରମୁଖ ଉଦାହରଣ । କଟ୍ ଏବଂ ପଲିସ୍ ହୋଇଥିବା ହୀରା, ସୁନା ଏବଂ ରୂପା ଅଳଙ୍କାର ଏବଂ ହସ୍ତଶିଳ୍ପ ଅଳଙ୍କାର ଉତ୍ପାଦନରେ ଭାରତରେ ପୂର୍ବରୁ ଦୃଢ଼ କ୍ଷମତା ରହିଛି । ଟାରିଫ୍ ବାଧା ଦୂର ହେବା ସହିତ, ଭାରତୀୟ ରପ୍ତାନିକାରୀ ମାନେ ୟୁରୋପୀୟ ଏବଂ ଏସୀୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ଏକ ନିର୍ଣ୍ଣାୟକ ପ୍ରତିଯୋଗିତାମୂଳକ ଅଗ୍ରଗତି ପାଇବେ । ଶିଳ୍ପ ଆକଳନ କରୁଛି ଯେ ଆଗାମୀ ତିନି ବର୍ଷ ମଧ୍ୟରେ ଓମାନକୁ ରପ୍ତାନି ୧୫୦ ନିୟୁତ ଆମେରିକୀୟ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଏହା ପଶ୍ଚିମବଙ୍ଗ, ତାମିଲନାଡୁ, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜରାଟରେ ଅଳଙ୍କାର ତିଆରି କ୍ଲଷ୍ଟରରେ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଚାଷୀ ଏବଂ ମତ୍ସ୍ୟଜୀବୀ - ଘରୋଇ ଚାଷୀ ଏବଂ ସମ୍ବେଦନଶୀଳ କୃଷି ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ, ଭାରତ ଗହମ, ଚାଉଳ, ମକା, ବାଜରା, ଦୁଗ୍ଧ, ଫଳ, ପନିପରିବା, ଖାଦ୍ୟ ତେଲ, ତୈଳବୀଜ, ଚା, କଫି ଏବଂ ମହୁ ଭଳି ପ୍ରମୁଖ ଉତ୍ପାଦ ପାଇଁ କୌଣସି ଶୁଳ୍କ ରିହାତି ଦେଇନାହିଁ । ଭାରତ ବଟର, ମହୁ, ମିଠା ବିସ୍କୁଟ, ଅଣ୍ଡା ଏବଂ କିଛି ମିଠା ଉତ୍ପାଦରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ଏକ ପ୍ରତିଯୋଗିତାମୂଳକ ଲାଭ ପାଇବ, ଯାହା ଦେଶର କୃଷି ଉତ୍ପାଦର ଚାହିଦା ବୃଦ୍ଧି କରିବ ଏବଂ ଗ୍ରାମୀଣ ଆୟ ବୃଦ୍ଧି କରିବ । ଏହି ଚୁକ୍ତିନାମାରେ ଭାରତର ଜାତୀୟ ଜୈବିକ ଉତ୍ପାଦନ କାର୍ଯ୍ୟକ୍ରମ (ଏନ.ପି.ଓ.ପି.) ପ୍ରମାଣପତ୍ରର ଗ୍ରହଣ ଏବଂ ସ୍ୱୀକୃତି ପ୍ରଦାନ କରାଯାଇଛି, ଯାହା ଭାରତୀୟ ଚାଷୀମାନଙ୍କୁ ଓମାନକୁ ଜୈବିକ ଉତ୍ପାଦ ବିକ୍ରୟ କରିବା ପାଇଁ ବିପୁଳ ସୁଯୋଗ ଦେବ, ଯାହା ଏକ ପ୍ରମୁଖ ଖାଦ୍ୟ ଆମଦାନୀକାରୀ ରାଷ୍ଟ୍ର ଭାବରେ ସୁପରିଚିତ । ସାମୁଦ୍ରିକ ଉତ୍ପାଦର ମଧ୍ୟ ବିଶାଳ ଅବ୍ୟବହୃତ ସମ୍ଭାବନା ଅଛି । ୨୦୨୨ ମସିହାଠାରୁ ୨୦୨୪ ମସିହା ମଧ୍ୟରେ ଓମାନର ସାମୁଦ୍ରିକ ଉତ୍ପାଦ ଆମଦାନୀ ପ୍ରାୟ ୧୧୯ ନିୟୁତ ଡଲାର ଥିଲା । ଭାରତରୁ ଆମଦାନୀ କେବଳ ୭.୭୫ ନିୟୁତ ଡଲାର ଥିଲା, ଯାହା ଚିଙ୍ଗୁଡ଼ି ଏବଂ ଫ୍ରୋଜେନ୍ କଟଲଫିସ୍ ଭଳି ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନି ପାଇଁ ବିପୁଳ ସୁଯୋଗ ପ୍ରଦାନ କରିଥିଲା । ଶ୍ରମ-ସଘନଶୀଳ ସାମୁଦ୍ରିକ ଉତ୍ପାଦ ଶିଳ୍ପ ମାଛ ଧରିବା, ପ୍ରକ୍ରିୟାକରଣ, ପ୍ୟାକେଜିଂ, କୋଲ୍ଡ-ଚେନ୍ ଲଜିଷ୍ଟିକ୍ସ ଏବଂ ରପ୍ତାନି କାର୍ଯ୍ୟରେ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରହିଛି । ଫାର୍ମା ଏବଂ ପାରମ୍ପରିକ ଔଷଧ – ୟୁ.ଏସ.ଏଫ.ଡି.ଏ., ଇ.ଏମ.ଏ., ବ୍ରିଟେନ, ଏମ.ଏଚ.ଆର.ଏ ଏବଂ ଟି.ଜି.ଏ. ଭଳି ନିୟାମକଙ୍କ ଦ୍ୱାରା ଅନୁମୋଦିତ ଭାରତୀୟ ଔଷଧ ୯୦ ଦିନ ମଧ୍ୟରେ ଓମାନରେ ସ୍ୱୟଂଚାଳିତ ମାର୍କେଟିଂ ପ୍ରାଧିକରଣ ପାଇବ - ଭାରତୀୟ ଫାର୍ମା ରପ୍ତାନିକାରୀଙ୍କ ପାଇଁ ଏକ ପ୍ରମୁଖ ବିଜୟ । ଉତ୍କୃଷ୍ଟ ଭାବରେ, ସି.ଇ.ପି.ଏ. ଭାରତର ପାରମ୍ପରିକ ଔଷଧ ସେବା ପାଇଁ ସୁଯୋଗ ସୃଷ୍ଟି କରେ ।

ଏହା ପାରମ୍ପରିକ ଔଷଧରେ ମିଳିତ ଗବେଷଣା ପାଇଁ ବ୍ୟବସ୍ଥା କରେ । ସେବା ଏବଂ ଗତିଶୀଳତା - ଚୁକ୍ତିନାମାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସେବା ଏବଂ ଗତିଶୀଳତାରେ ରହିଛି । ଓମାନ ଭାରତକୁ ପ୍ରମୁଖ ରପ୍ତାନି ସ୍ୱାର୍ଥର କ୍ଷେତ୍ରଗୁଡ଼ିକରେ ବାଣିଜ୍ୟିକ ଭାବରେ ଅର୍ଥପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧତା ଗ୍ରହଣ କରିଛି, ଯେଉଁଥିରେ ବୃତିଗତ ସେବା, କମ୍ପ୍ୟୁଟର ଏବଂ ଆଇଟି ସେବା, ଶିକ୍ଷା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ଗବେଷଣା ଏବଂ ବିକାଶ ଏବଂ ପରିବେଶଗତ ସେବା ଅନ୍ତର୍ଭୁକ୍ତ । ଆକାଉଂଟିଂ, ଇଞ୍ଜିନିୟରିଂ, ଔଷଧ, ନିର୍ମାଣ, ଶିକ୍ଷା ଏବଂ ପରାମର୍ଶ ଭଳି କ୍ଷେତ୍ରରେ ଭାରତୀୟ ବୃତିଗତମାନେ ଉନ୍ନତ ବଜାର ପ୍ରବେଶରୁ ଲାଭ ପାଇବାର ଆଶା କରାଯାଉଛି । ଗୁରୁତ୍ୱପୂର୍ଣ୍ଣ ଭାବରେ, ଓମାନ ଭାରତୀୟ ବୃତିଗତ ଏବଂ ଶ୍ରମିକଙ୍କ ପାଇଁ ବର୍ଦ୍ଧିତ ଗତିଶୀଳତା ପ୍ରତିଶ୍ରୁତିବଦ୍ଧତା ପାଇଁ ରାଜି ହୋଇଛି । ଆନ୍ତଃ-କର୍ପୋରେଟ୍ ସ୍ଥାନାନ୍ତରୀ ଏବଂ ଚୁକ୍ତିଭିତିକ ସେବା ଯୋଗାଣକାରୀମାନଙ୍କୁ ଚାରି ବର୍ଷ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦିଆଯିବ, ଯେତେବେଳେ ବ୍ୟବସାୟ ପରିଦର୍ଶକ ଏବଂ ସ୍ୱାଧୀନ ବୃତିଗତମାନେ ସହଜ ଅସ୍ଥାୟୀ ପ୍ରବେଶ ବ୍ୟବସ୍ଥା ପାଇବେ । ଏହା ଆନ୍ତଃ-କର୍ପୋରେଟ ସ୍ଥାନାନ୍ତର ପାଇଁ ସୀମା ୨୦ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରିଛି । ବିକଶିତ ଦେଶଗୁଡ଼ିକ ସହିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବା ପାଇଁ ମୋଦୀ ସରକାରଙ୍କ ପଦକ୍ଷେପ ପ୍ରତ୍ୟେକ ଭାରତୀୟଙ୍କ ଜୀବନକୁ ଉନ୍ନତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ମିଶନର ଏକ ଅଂଶ । ଓମାନ ସହିତ ଚୁକ୍ତିନାମା ଏକ ସ୍ମରଣକାରୀ ଯେ ବାଣିଜ୍ୟ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ସହଭାଗୀ ସମୃଦ୍ଧିର ଏକ ଶକ୍ତିଶାଳୀ ଉପକରଣ । ଏକ ଖଣ୍ଡିତ ଏବଂ ସୁରକ୍ଷାବାଦୀ ବିଶ୍ୱରେ, ପ୍ରଧାନମନ୍ତ୍ରୀ ମୋଦୀ ଏକ ସ୍ପଷ୍ଟ ବାର୍ତା ପଠାଉଛନ୍ତି ଯେ ନୂତନ, ଆତ୍ମବିଶ୍ୱାସୀ ଭାରତ କାନ୍ଥ ପଛରେ ପଛକୁ ହଟିବ ନାହିଁ । ଏହା ସହଭାଗୀତା, ପ୍ରତିଯୋଗିତାମୂଳକ ଏବଂ ବିଶ୍ୱସ୍ତରୀୟ ସମ୍ପର୍କ ମାଧ୍ୟମରେ ବୃଦ୍ଧି ପାଇବ ।

*(ଲେଖକ କେନ୍ଦ୍ର ସରକାରରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଅଛନ୍ତି )*

## ଭାରତ ଓ ଓମାନ ମଧ୍ୟରେ ନୂତନ ଆର୍ଥିକ କରିଡର; ବାଣିଜ୍ୟ ଓ ବିନିଯୋଗକୁ ମିଳିବ ନୂତନ ଗତି



◆ ଶ୍ରୀ ରାଜେଶ ଅଗ୍ରୱାଲ

ଭାରତ ଓ ଓମାନ ମଧ୍ୟରେ ଥିବା ବାଣିଜ୍ୟିକ ସମ୍ପର୍କ ଶତାବ୍ଦୀ ଶତାବ୍ଦୀ ଧରି ପ୍ରତିଧ୍ୱନିତ ହୋଇଆସୁଛି, ଯାହା ପ୍ରାଚୀନ ନୌକା ମାଧ୍ୟମରେ ଏବଂ ପିଢ଼ି ପିଢ଼ି ଧରି ସାଂସ୍କୃତିକ ଆଦାନପ୍ରଦାନ ଦ୍ୱାରା ସମୃଦ୍ଧ ହୋଇଛି । ଭାରତ-ଓମାନ ବ୍ୟାପକ ଅର୍ଥନୈତିକ ସହଭାଗୀତା ଚୁକ୍ତି (ସି.ଇ.ପି.ଏ.) ଏହି ସଭ୍ୟତାଗତ ସମ୍ପର୍କକୁ ଆହୁରି ମଜବୁତ କରିବ । ଏପରି ଏକ ସମୟରେ ଯେତେବେଳେ ବିଶ୍ୱ ବାଣିଜ୍ୟ ଭୂ-ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା, ଯୋଗାଣ ଶୃଙ୍ଖଳା ବ୍ୟାହତ ଏବଂ ବଢୁଥିବା ସଂରକ୍ଷଣବାଦ ଦେଇ ଗତି କରୁଛି, ଏହି ଚୁକ୍ତିନାମା ବିଶ୍ୱସ୍ତ ସହଯୋଗୀମାନଙ୍କ ସହିତ ଅର୍ଥନୈତିକ ସମନ୍ୱୟକୁ ଗଭୀର କରିବା ପାଇଁ ଭାରତର ସଂକଳ୍ପକୁ ପ୍ରତିଫଳିତ କରୁଛି । ୨୦୨୨ ମସିହାରେ ୟୁଏଇ ସହିତ ହୋଇଥିବା ଐତିହାସିକ ଚୁକ୍ତି ପରେ, ଏହି ସି.ଇ.ପି.ଏ. ଗଲ୍ଫ ବା ଆରବ ଦେଶଗୁଡ଼ିକ ସହିତ ଭାରତର ବଢୁଥିବା ଅର୍ଥନୈତିକ ସମ୍ପୃକ୍ତିକୁ ଅଧିକ ଦୃଢ଼ କରୁଛି । ଏହି ଦ୍ୱିପାକ୍ଷିକ ବାଣିଜ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇ ଆର୍ଥିକ ବର୍ଷ ୨୦୨୫-୨୬ରେ ୧୧.୧୮ ବିଲିୟନ ଆମେରିକୀୟ ଡଲାରରେ ପହଂଚିଥିବା ବେଳେ ୨୦୨୪ ମସିହାରେ ସେବା ବାଣିଜ୍ୟ ୮୬୩ ମିଲିୟନ ଆମେରିକୀୟ ଡଲାର ରହିଥିଲା । ପାରମ୍ପରିକ ସାମଗ୍ରୀ ବ୍ୟତୀତ ଇଞ୍ଜିନିୟରିଂ ସାମଗ୍ରୀ, ଫାର୍ମାସ୍ୟୁଟିକାଲ୍ସ (ଔଷଧ) ଏବଂ ଆଇଟି (ଆଇ.ଟି.) ସେବା କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରି ଆର୍ଥିକ ସମ୍ପର୍କର ବିବିଧିକରଣ କରାଯାଇଛି । ତଥାପି, ଏଥିରେ ଅନେକ ଅପରିପ୍ରକାଶିତ ସମ୍ଭାବନା ରହିଛି । ସାମଗ୍ରୀ ଓ ସେବା ବାଣିଜ୍ୟ, ପୁଞ୍ଜିନିବେଶ, ବୃତିଗତ ଗତିଶୀଳତା ଏବଂ ନିୟାମକ ସହଯୋଗକୁ ସାମିଲ କରି ଏହି ସି.ଇ.ପି.ଏ. ଏକ ଅଧିକ ସ୍ଥିର, ସମନ୍ୱିତ ଏବଂ ବ୍ୟାପକ ଅର୍ଥନୈତିକ ସହଭାଗିତା ପାଇଁ ଏକ ସାମଗ୍ରିକ ରୂପରେଖ ପ୍ରସ୍ତୁତ କରୁଛି ।

ଭାରତର ରପ୍ତାନି ଅଭିବୃଦ୍ଧିର ପ୍ରବେଶ ଦ୍ୱାର

ସି.ଇ.ପି.ଏ. ଓମାନରେ ୯୮.୦୮ ପ୍ରତିଶତ ଟାରିଫ୍ ରେଖାରେ ଭାରତୀୟ ରପ୍ତାନି ସାମଗ୍ରୀ ନିମନ୍ତେ ଶୁଳ୍କମୁକ୍ତ ବଜାର ପ୍ରବେଶ ପ୍ରଦାନ କରେ । ଏଭଳି ଚୁକ୍ତି ସ୍ୱାକ୍ଷରିତ ହେବା ପୂର୍ବରୁ, ଭାରତର ପ୍ରାୟ ୧୫ ପ୍ରତିଶତ ରପ୍ତାନି ସର୍ବାଧିକ ପସନ୍ଦଯୋଗ୍ୟ ରାଷ୍ଟ୍ର ଶାସନ ଅଧୀନରେ ଓମାନକୁ ଶୁଳ୍କମୁକ୍ତ ଭାବରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା, ଯେତେବେଳେ ଅବଶିଷ୍ଟ ୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁର ସମ୍ମୁଖୀନ ହୋଇଥିଲା । ସି.ଇ.ପି.ଏ. ଅଧୀନରେ, ଭାରତର ବର୍ତମାନର ରପ୍ତାନି ପରିମାଣର ୯୯.୩୮ ପ୍ରତିଶତ ଏବେ ଶୁଳ୍କମୁକ୍ତ ପ୍ରବେଶ ସୁଯୋଗ ଉପଭୋଗ କରିବାକୁ ସକ୍ଷମ ହୋଇଛି । ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଏହି ଲାଭ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓମାନର 'ଭିଜନ ୨୦୪୦' ଅଧୀନରେ ଭିତିଭୂମି, ଲଜିଷ୍ଟିକ୍ସ ଏବଂ ଶିଳ୍ପ ବିବିଧିକରଣ କ୍ଷେତ୍ରରେ କରାଯାଉଥିବା ପୁଞ୍ଜିନିବେଶ ଦ୍ୱାରା ଏହି ଚାହିଦା ଆହୁରି ବୃଦ୍ଧି ପାଇବ । ଆର୍ଥିକ ବର୍ଷ ୨୦୨୪-୨୫ରେ ୮୭୫.୮୩ ମିଲିୟନ ଆମେରିକୀୟ ଡଲାର ମୂଲ୍ୟର ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନି ହୋଇଥିବା ବେଳେ, ୨୦୩୦ ସୁଦ୍ଧା ଏହା ୧.୩ରୁ ୧.୬ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇବାର ଅନୁମାନ କରାଯାଉଛି । ଏଥିସହିତ, ଶୂନ୍ୟ-ଶୁଳ୍କ ପ୍ରବେଶ ସୁବିଧା ମାଧ୍ୟମରେ କପଡ଼ା ଓ ପୋଷାକ (ଟେକ୍ସଟାଇଲ) କ୍ଷେତ୍ର ମଧ୍ୟ ଆଂଚଳିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ଏକ ବଡ଼ ସୁଯୋଗ ପାଇବ; ଯାହା ତିରୁପୁର, ସୁରଟ, ଲୁଧିଆନା ଏବଂ କୋଏମ୍ବାଟୁର ଭଳି ଶ୍ରମ-ଭିତିକ ଶିଳ୍ପାଂଚଳଗୁଡ଼ିକୁ ପୁନର୍ଜୀବିତ କରିବା ସହ ବ୍ୟାପକ ରୋଜଗାର ସୃଷ୍ଟି କରିବାରେ ସହାୟକ ହେବ । ସୁଯୋଗର ପରିସର ସଦାବେଳେ ସୁଦୂରପ୍ରସାରୀ ଏବଂ ବିବିଧ ହୋଇଥାଏ । ଓମାନର ଆମଦାନୀ-ନିର୍ଭରଶୀଳ ଔଷଧ ବଜାର ଭାରତୀୟ ଫାର୍ମଗୁଡ଼ିକ ପାଇଁ ଦୃଢ଼ ସମ୍ଭାବନା ଉପସ୍ଥାପନ କରେ । ଏହା ଦ୍ରୁତ ନିୟାମକ ଅନୁମୋଦନ, ଗୁଣବତା ପ୍ରମାଣପତ୍ରର ସ୍ୱୀକୃତି ଏବଂ ପ୍ରମୁଖ ଉତ୍ପାଦଗୁଡ଼ିକ ନିମନ୍ତେ ଶୁଳ୍କମୁକ୍ତ ପ୍ରବେଶ ଅନୁପାଳନ ବ୍ୟୟ ହ୍ରାସ କରିବ ଏବଂ ବଜାର ପ୍ରବେଶକୁ ଅଧିକ ଉନ୍ନତ କରିବ । ଚାଉଳ, ପ୍ରକ୍ରିୟାକୃତ ଖାଦ୍ୟ, ମସଲା ଏବଂ ମିଠା ସମେତ କୃଷି ଏବଂ ଖାଦ୍ୟ-ପ୍ରକ୍ରିୟାକରଣ ରପ୍ତାନି କ୍ଷେତ୍ର ମଧ୍ୟ ଏହା ଫଳରେ ଲାଭବାନ ହୋଇପାରିବ ।

ବଜାର ଉନ୍ମୋଚନ, ସ୍ୱାର୍ଥ ରକ୍ଷା

ଭାରତର ସମ୍ପ୍ରତି ବାଣିଜ୍ୟ ଚୁକ୍ତିଗୁଡ଼ିକ ସହିତ ସଙ୍ଗତି ରଖି, ଏହି ସି.ଇ.ପି.ଏ. ଏକ ସନ୍ତୁଳିତ ଏବଂ ସୁଚିନ୍ତିତ ଆଭିମୁଖ୍ୟ ଅନୁସରଣ କରେ । ଭାରତ ନିଜର ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରିବା ଏବଂ ବିଶ୍ୱ ମୂଲ୍ୟ ଶୃଙ୍ଖଳା ସହିତ ଯୋଡ଼ିହେବା ପାଇଁ ବଜାରକୁ ଉନ୍ମୁକ୍ତ କରୁଥିବା ବେଳେ, ଅନ୍ୟପଟେ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ସୁରକ୍ଷା ଦେବା ଜାରି ରଖିଛି । ଦୁଗ୍ଧଜାତ ଦ୍ରବ୍ୟ ଓ ଶସ୍ୟ ଭଳି ପ୍ରମୁଖ କୃଷି ସାମଗ୍ରୀ ସହିତ ରବର, କପଡ଼ା (ଟେକ୍ସଟାଇଲ) ଏବଂ ଜୋତା-ଚପଲ ଭଳି ଶିଳ୍ପଗୁଡ଼ିକୁ ଏଥିରେ ସୁରକ୍ଷିତ ରଖାଯାଇଛି । ଏହି ଆଭିମୁଖ୍ୟ ବାହ୍ୟ ବଜାରର ସୁଯୋଗ ପାଇବା ସହ ଘରୋଇ ବଜାରର ଦୁର୍ବଳତାଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିଥାଏ । ଭାରତ ଏହାର ୭୭ ପ୍ରତିଶତରୁ ଅଧିକ ଶୁଳ୍କ ରେଖାକୁ ଉଦାରୀକରଣ କରିବାକୁ ପ୍ରତିବଦ୍ଧ ହୋଇଛି, ଯାହା ଓମାନରୁ ପ୍ରାୟ ୯୫ ପ୍ରତିଶତ ଆମଦାନୀକୁ ସମାଯୋଜିତ କରିଥାଏ । ଏହା ଓମାନର ମୁଖ୍ୟ ରପ୍ତାନି, ବିଶେଷ କରି ମିଥାନଲ ଏବଂ ଶୁଷ୍କ ଆମୋନିଆ ଭଳି ଶିଳ୍ପ ଇନପୁଟକୁ ଏକ ପ୍ରତିଯୋଗିତାମୂଳକ ଲାଭ ପ୍ରଦାନ କରେ । ଓମାନ ଧାତୁ ଏବଂ ମିଶ୍ର-ଧାତୁର ଏକ ବିସ୍ତୃତ ପରିସର ମଧ୍ୟରେ ଅଗ୍ରାଧିକାର ବଜାର ପ୍ରବେଶକୁ ସୁରକ୍ଷିତ କରେ, ଯାହା ଆମ ଦେଶଗୁଡ଼ିକୁ କମ ଉତ୍ପାଦନ ଖର୍ଚ୍ଚ ବ୍ୟବହାର କରିବାକୁ ସୁଯୋଗ ଦେଇଥାଏ । ଯେଉଁ କ୍ଷେତ୍ରଗୁଡ଼ିକରେ ଭାରତ ପ୍ରତିରକ୍ଷା ସ୍ୱାର୍ଥ ବଜାୟ ରଖେ, ସେଗୁଡ଼ିକ ପାଇଁ ଓମାନକୁ ଟାରିଫ୍ ହାର କୋଟା (ଟି.ଆର.କ୍ୟୁ.) ମାଧ୍ୟମରେ ପ୍ରବେଶ ପ୍ରଦାନ କରାଯାଇଛି । ଏହି ବ୍ୟବସ୍ଥା ନିର୍ଦ୍ଦିଷ୍ଟ ପରିମାଣ ସୀମା ମଧ୍ୟରେ ଖଜୁର, ମାର୍ବଲ୍ ଏବଂ ଚୟନିତ ଡାଉନଷ୍ଟ୍ରିମ୍ ପେଟ୍ରୋକେମିକାଲ୍ ଭଳି ଉତ୍ପାଦଗୁଡ଼ିକର ଅଗ୍ରାଧିକାର ରପ୍ତାନିକୁ ଅନୁମତି ପ୍ରଦାନ କରେ । ଏହି ସତର୍କତାର ସହିତ ପ୍ରସ୍ତୁତ ସମନ୍ୱୟ ପରିବର୍ତନ ସମୟରେ ଦୁର୍ବଳ କ୍ଷେତ୍ରଗୁଡ଼ିକୁ ସମର୍ଥନ କରିବା ସହିତ ପ୍ରତିଯୋଗିତାକୁ ଅଧିକ ସୁଦୃଢ଼ କରେ ।

ବାଣିଜ୍ୟ, ପ୍ରତିଭା ଏବଂ ବିଶ୍ୱାସ

ସି.ଇ.ପି.ଏ. ଭାରତୀୟ ସେବା ପ୍ରଦାନକାରୀମାନଙ୍କୁ ସମସ୍ତ କ୍ଷେତ୍ରଗୁଡ଼ିକରେ ବାଧ୍ୟତାମୂଳକ ପ୍ରତିଶ୍ରୁତି ପ୍ରଦାନ କରେ ଯେଉଁଠାରେ ଭାରତ ସ୍ପଷ୍ଟ ଶକ୍ତି ଉପଭୋଗ କରେ, ଯେପରିକି ସୂଚନା ଓ ପ୍ରଯୁକ୍ତି (ଆଇ.ଟି.), ବୃତିଗତ ସେବା ଏବଂ ନିର୍ମାଣ ଭଳି କ୍ଷେତ୍ର । ଅନେକ କ୍ଷେତ୍ରରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ (ଏଫ.ଡି.ଆଇ.)କୁ ଅନୁମତି ଦେବାର ବ୍ୟବସ୍ଥା ସହିତ, ଭାରତୀୟ ଫାର୍ମଗୁଡ଼ିକ ଓମାନରେ ସେମାନଙ୍କର ଉପସ୍ଥିତିକୁ ବିସ୍ତାର କରିବା ପାଇଁ ଅଧିକ ସୁଯୋଗ ପାଇବେ । ପ୍ରତିଭା ବିକାଶ ନିମନ୍ତେ ଏହି ଚୁକ୍ତିନାମା ମଧ୍ୟ ଏକ ବିରାଟ ସଫଳତା । ଆନ୍ତଃ-କର୍ପୋରେଟ୍ ସ୍ଥାନାନ୍ତର ସୀମା ୫୦ ପ୍ରତିଶତକୁ ବୃଦ୍ଧି କରି, ଭାରତୀୟ ଫାର୍ମଗୁଡ଼ିକ ବର୍ତମାନ ସ୍ୱତନ୍ତ୍ର କର୍ମଚାରୀମାନଙ୍କୁ ସେଠାରେ ନିୟୋଜନ କରିବା ଏବଂ ସେମାନଙ୍କର ସ୍ଥାୟୀ ବଜାର ଉପସ୍ଥିତିକୁ ବ୍ୟାପକ କରିବା ପାଇଁ ନମନୀୟତା ଭଳି ସର୍ତ ରଖିଛନ୍ତି । ଏହା ବ୍ୟତୀତ, କୌଣସି ମୁକ୍ତ ବାଣିଜ୍ୟ ରାଜିନାମାରେ ପ୍ରଥମ ଥର ପାଇଁ, ଓମାନ ସ୍ୱାଧୀନ ବୃତିଗତମାନଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଗତିଶୀଳତା ବ୍ୟବସ୍ଥା ସ୍ଥାପନ କରିଛି । ବିଶ୍ୱ ଜନସଂଖ୍ୟାଗତ ପରିବର୍ତନ କାରଖାନା ଶ୍ରମିକ ଅଭାବର କାରଣ ହେଉଛି ଏବଂ ଆଧୁନିକ ଉତ୍ପାଦନ କୃତ୍ରିମ ପ୍ରଜ୍ଞା (ଏ.ଆଇ.) ଏବଂ ରୋବୋଟିକ୍ସ ସହିତ ବର୍ଦ୍ଧିତ ଭାବରେ ସହଭାଗୀ ହେଉଛି, ଏହି ବ୍ୟବସ୍ଥା ଭାରତୀୟ ପ୍ରତିଭାମାନଙ୍କ ନିମନ୍ତେ ଏକ ଶକ୍ତିଶାଳୀ ବୈଶ୍ୱିକ ଉଦାହରଣ ସୃଷ୍ଟି କରିଛି । ସି.ଇ.ପି.ଏ.ରେ ଏକ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟସେବା 'ଆନେକ୍ସ' ମଧ୍ୟ ଅନ୍ତର୍ଭୁକ୍ତ, ଯାହା ଚିକିତ୍ସା ବୃତିଧାରୀମାନଙ୍କ ସକାଶେ ଲାଇସେନ୍ସ ପ୍ରକ୍ରିୟାକୁ ସୁଗମ କରିବା ସହିତ ଆୟୁର୍ବେଦ ଭଳି ପାରମ୍ପରିକ ବ୍ୟବସ୍ଥାକୁ ମୁଖ୍ୟଧାରାର ସ୍ୱାସ୍ଥ୍ୟ ସେବାରେ ସମାଯୋଜିତ କରିବାରେ ସାହାଯ୍ୟ କରେ । ଏସବୁ ସୁବିଧା ବ୍ୟତୀତ, ଏକ ବାଧ୍ୟତାମୂଳକ ସାମାଜିକ ସୁରକ୍ଷା ଚୁକ୍ତିନାମା ଆଲୋଚନା ଭାରତୀୟ ପ୍ରବାସୀଙ୍କୁ ଦୋହରା ଟିକସ ବୋଝରୁ ସମ୍ଭାବ୍ୟ ଭାବରେ ସୁରକ୍ଷା ଦେବ

ଆଂଚଳିକ ମୂଲ୍ୟ ଶୃଙ୍ଖଳ ଗଠନ


ଭାରତ- ଓମାନ ସି.ଇ.ପି.ଏ. ନିୟାମକ ସହଯୋଗ, ସମନ୍ୱିତ ମାନଦଣ୍ଡ ଏବଂ ଅନୁକୂଳତା ମୂଲ୍ୟାଙ୍କନ ପ୍ରକ୍ରିୟା ମାଧ୍ୟମରେ ଅଣ- ଶୁଳ୍କ ପ୍ରତିବନ୍ଧକଗୁଡ଼ିକୁ ସମାଧାନ କରି ଶୁଳ୍କରୁ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରେ । ଏହା ଭାରତର ଆଧୁନିକ ବାଣିଜ୍ୟ ଚୁକ୍ତିନାମା ସହିତ ବର୍ଦ୍ଧିତ ଭାବରେ ଜଡିତ ଉଚ୍ଚ ମାନଦଣ୍ଡକୁ ପ୍ରତିଫଳିତ କରେ ଏବଂ ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧନ ସୃଷ୍ଟି କରୁଥିବା ଅନେକ ସୀମା ପିଛିଲା ପ୍ରତିବନ୍ଧକଗୁଡ଼ିକୁ ସମାଧାନ କରେ । ଭାରତ ଏକ ଅଧିକ ସମନ୍ୱିତ ଆଂଚଳିକ ବାଣିଜ୍ୟିକ ଭିତିଭୂମିର ମୂଳଦୁଆ ସ୍ଥାପନ କରୁଛି । ସାମଗ୍ରିକ ଭାବେ, ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ.ଟି.ଏ.) ସହଭାଗୀ ଦେଶଗୁଡ଼ିକ ଏବେ ବିଶ୍ୱ ଜିଡିପିର ପ୍ରାୟ ୬୭ ପ୍ରତିଶତ ଏବଂ ସାମଗ୍ରୀ ଓ ସେବା କ୍ଷେତ୍ରରେ ବିଶ୍ୱ ଆମଦାନୀର ପ୍ରାୟ ୭୫ ପ୍ରତିଶତ ଅଂଶ ଗ୍ରହଣ କରନ୍ତି । ଗଲ୍ଫ, ପୂର୍ବ ଆଫ୍ରିକା ଏବଂ ବ୍ୟାପକ ଭାରତ ମହାସାଗରୀୟ ଅଂଚଳର ମିଳନସ୍ଥଳରେ ଓମାନ ଏକ ଅନନ୍ୟ ଭୌଗୋଳିକ ସ୍ଥିତିରେ ରହିଛି । ସୋହାର, ଡୁକମ୍ ଏବଂ ସଲାଲାହ୍ ଭଳି ଓମାନର ଲଜିଷ୍ଟିକ୍ସ ଏବଂ ଶିଳ୍ପ କେନ୍ଦ୍ରଗୁଡ଼ିକ ଏପରି ମୂଲ୍ୟ ଶୃଙ୍ଖଳାକୁ ସମନ୍ୱିତ କରିପାରିବେ, ଯାହା ଭାରତର ସ୍ୱତନ୍ତ୍ର ଉତ୍ପାଦନ ଦକ୍ଷତା ଓ ପ୍ରତିଭାକୁ ବ୍ୟାପକ ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ସହିତ ଯୋଡ଼ିବ । ଏହାର ପରିଣାମ ସ୍ୱରୂପ, ଆଂଚଳିକ ସଂଯୋଗୀକରଣ ଏବଂ ଅଭିବୃଦ୍ଧି ପାଇଁ ଏକ ଦୃଢ଼ ସହଭାଗିତା ଗଠନ ହେଉଛି । ବାଣିଜ୍ୟ ଚୁକ୍ତିନାମା ସେତିକିବେଳେ ସଫଳ ହୋଇଥାଏ, ଯେତେବେଳେ ଉଭୟ ପକ୍ଷ ପରସ୍ପର ଉପରେ ବିଶ୍ୱାସ ସୃଷ୍ଟି କରନ୍ତି, ବ୍ୟବସାୟ ପାଇଁ, ନିବେଶ ପାଇଁ, ଶ୍ରମିକମାନଙ୍କ ପାଇଁ ନୂତନ ଦକ୍ଷତା ହାସଲ ପାଇଁ ଏବଂ ଅର୍ଥନୀତିଗୁଡ଼ିକ ପାଇଁ ସ୍ଥାୟୀ ସହଭାଗୀତା ନିର୍ମାଣ ପାଇଁ ଏହା କାର୍ଯ୍ୟ କରିଥାଏ । ସି.ଇ.ପି.ଏ. ଠିକ୍ ସେହି ଲକ୍ଷ୍ୟ ହାସଲ କରେ । ଏକବିଂଶ ଶତାବ୍ଦୀର ବାସ୍ତବତା ପାଇଁ ପ୍ରସ୍ତୁତ ହୋଇଥିବା ଏକ ଶତାବ୍ଦୀର ପୁରୁଣା ସମ୍ପର୍କକୁ ଏକ ରଣନୈତିକ ଆର୍ଥିକ ସହଭାଗୀତାରେ ପରିଣତ କରିବା ହେଉଛି ଏହାର ଲକ୍ଷ୍ୟ ।

**(ଲେଖକ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ବିଭାଗର ସଚିବ ପଦରେ ଅବସ୍ଥାପିତ ।)**



# ସ୍ୱାସ୍ଥ୍ୟ

## ହୃଦୟର ସୁରକ୍ଷା



◆ ଦିନ ଭିତରେ ୫ଥର ଫଳ ଖାଇବା ଉଚିତ।
◆ ସାଚୁରେଟେଡ୍ ଫ୍ୟାଟ୍‌କୁ ଖାଦ୍ୟରେ ଅନ୍ତର୍ଭୁକ୍ତ କରନ୍ତୁ। ଫାଷ୍ଟଫୁଡ୍, ପ୍ରୋସେସ୍‌ଡ ଫୁଡ୍ ତ୍ୟାଗ କରିବା ସହିତ ଲୁଣ କମ୍ ବ୍ୟବହାର କରନ୍ତୁ।
◆ଦିନକୁ ୩୦ ମିନିଟ୍ ପର୍ଯ୍ୟନ୍ତ ବ୍ୟାୟାମ ନିଶ୍ଚୟ କରିବା ଉଚିତ୍।
◆ ତମାଖୁ ତଥା ସିଗାରେଟ୍, ବିଡ଼ି, ଗୁଟ୍‌ଖା, ଅନ୍ୟ ପାନମସଲା ଓ ନିଶାଦ୍ରବ୍ୟ ତୁରନ୍ତ ପରିତ୍ୟାଗ କରନ୍ତୁ।
◆ଓଜନ ନିୟନ୍ତ୍ରଣାଧୀନ ରଖନ୍ତୁ। ଏଥିପାଇଁ ଚର୍ବିଯୁକ୍ତ ଖାଦ୍ୟ, ଲୁଣ, ମିଠା, ମଇଦା ତଥା ଚାଉଳ ଆଦି କମ୍ ଖାଇବା ଉଚିତ।
◆ ରକ୍ତଚାପ ୧୨୦/୮୯ ନିକଟରେ ରହିବା ଭଲ।
◆ଶରୀରର ମଧ୍ୟବର୍ତ୍ତୀ ଅଂଶରେ ଯେପରି ଅତ୍ୟଧିକ ଚର୍ବି ଜମି ନରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।
◆ ଡାକ୍ତରଙ୍କ ପରାମର୍ଶ ଅନୁସାରେ କୋଲେଷ୍ଟେରଲ ତଥା ଟ୍ରାଇଗ୍ଲିସରାଇଡ୍‌ର ନିୟମିତ ବ୍ୟବଧାନରେ ଯା□ କରିନିଅନ୍ତୁ।

କାର୍ଯ୍ୟସ୍ଥଳୀର ପରିବେଶ ସୁସ୍ଥ ରଖିବେ କିପରି ?

◆ ଅଫିସ୍‌ରେ ଜିମ୍‌ର ବ୍ୟବସ୍ଥା ରହିବା ଆବଶ୍ୟକ ହୋଇ ପଡୁଛି। ତେବେ ଲିଫ୍ଟ ବ୍ୟବହାର କରିବା ପରିବର୍ତ୍ତେ ପାହାଚରେ ଯିବା ଆସିବା କରନ୍ତୁ। ପ୍ରତ୍ୟେକ ସମୟରେ କାର୍ ବା ଅନ୍ୟାନ୍ୟ ଗାଡ଼ି ବ୍ୟବହାର କରିବା ବଦଳରେ କିଛି ସମୟ ସାଇକେଲ୍ ଚଳାଇ ଯିବା ଉପକାରୀ ହୋଇଥାଏ। ଯିବା ଆସିବା ପାଇଁ ସାଇକେଲ୍ ଅଧିକ ବ୍ୟବହାର କରନ୍ତୁ।
◆ଟିଫିନ୍‌ରେ ତୈଳାକ୍ତ ଖାଦ୍ୟ ନ ନେଇ କ୍ଷୀର, ଫଳ, ଗଜା, ମଟର ଏବଂ ବୁଟ, ସୁପ୍, ଜୁସ୍, କର୍ନ ଆଦି ନେବା ସ୍ୱାସ୍ଥ୍ୟକର।
◆ ମାନସିକ ଦୁଶ୍ଚିନ୍ତାରୁ ମୁକ୍ତ ରୁହନ୍ତୁ। ବରିଷ୍ଠ ତଥା କନିଷ୍ଠ ସହକର୍ମୀ ମାନଙ୍କ ସହ ଉ□ମ ବ୍ୟବହାର ବଜାୟ ରଖନ୍ତୁ। ପରସ୍ପର ସହ ସହଯୋଗପୂର୍ଣ୍ଣ ପରିବେଶରେ କାର୍ଯ୍ୟ କଲେ କୌଣସି ଦୁଶ୍ଚିନ୍ତାର ଆଶଙ୍କା ରହିବ ନାହିଁ। ସମସ୍ୟା ଉପୁଜିଲେ ସହଯୋଗ ଭିତିରେ ସମାଧାନ କରନ୍ତୁ।
◆ଏକକାଳୀନ ଅଧିକ କାର୍ଯ୍ୟ ନକରି ମଝିରେ ବିଶ୍ରାମ ନେବା ସହିତ ଯୋଗ ଏବଂ ଧ୍ୟାନ କରିବା ଉଚିତ।
◆ ଛୋଟ ଛୋଟ ଲକ୍ଷ୍ୟ ନିର୍ଦ୍ଧାରିତ କରି ତାକୁ ପୂରଣ କରନ୍ତୁ। ଏହାଦ୍ୱାରା ଅଧିକ ଚିନ୍ତା କରିବାକୁ ପଡ଼ିବନାହିଁ।

+++

## ନିରବ ଘାତକ ମଧୁମେହ



ବାସ୍ତବସରେ ପରିବାରରେ ଡାଇବେଟିସ ରୋଗୀ ଥିଲେ ପରିବାର ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଅନ୍ୟପକ୍ଷରେ ପରିବାରର ସଦସ୍ୟମାନଙ୍କ ଠାରୁ ଆନ୍ତରିକ ସହଯୋଗ ମିଳିପାରିଲେ ରୋଗୀଠାରେ ରୋଗ ଓ ରୋଗର ଜଟିଳତା ନିୟନ୍ତ୍ରଣ ଯଥେଷ୍ଟ ସୁଗମ ହୋଇଥାଏ। ମଧୁମେହ ରୋଗ ସହିତ ଲିଭର ଓତଃପ୍ରୋତ ଭାବେ ଜଡ଼ିତ। ଲିଭର ଏକ ବିରାଟ ଲେବୋରେଟରି ବା ରସାୟନାଗାର। ଏହା ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି। ପେଟର ମଧ୍ୟ ଭାଗର ଡାହାଣପଟକୁ ମଧ୍ୟଛଦାର ଠିକ୍ ତଳକୁ ଯକୃତ ରହିଥାଏ। ପିଞ୍ଜରାହାଡ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ଥିବାବେଳେ ଏହାକୁ ଶରୀରର ବିଜ୍ଞାନଗାର କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ସମୟରେ ଏହା ବହୁତ ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ୍ ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ୍ ସୃଷ୍ଟି କରିବାରେ ଯକୃତ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନ ଆବଶ୍ୟକ ପଡ଼େ ଯଥା ପ୍ରୋଥ୍ରୋମ୍ବିନ୍ ଓ ଫିବ୍ରିନୋଜେନ୍ ତାହା ଯକୃତ ଲେବୋରେଟରିରେ ହିଁ ତିଆରି ହୁଏ। ପିତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ□ନଳୀରୁ ପିତ□ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଶର୍କରା ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଂଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଲିଭର ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି



ଶର୍କରାର ଭାରସାମ୍ୟ ରକ୍ଷା କରେ। ଏହି ବ୍ୟସ୍ତବହୁଳତା ମଧ୍ୟରେ ଯକୃତ ତାର କର୍ମ କରୁଥିବା ସମୟରେ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ଯକୃତର ସମସ୍ୟା ବଢ଼ିଯାଏ। ମଧୁମେହ ଓ ଯକୃତ ପରସ୍ପର ନିର୍ଭରଶୀଳ। ମଧୁମେହ ରୋଗ ହେଲେ ଯକୃତ ଖରାପ ହୁଏ ଓ ଯକୃତ ଖରାପ ହେଲେ ମଧ୍ୟ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ। ଅନ୍ୟ କେତେକ କ୍ଷେତ୍ରରେ ଉଭୟ ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଆକ୍ରାନ୍ତ ହୁଅନ୍ତି। ମଧୁମେହ ରୋଗରେ ଆକ୍ରାନ୍ତ ହେଲେ ୪୦-୭୦% କ୍ଷେତ୍ରରେ ଯକୃତରେ ଚର୍ବି ଜମିଯାଏ। ଏହାକୁ ଫ୍ୟାଟିଲିଭର କୁହନ୍ତି। ଅତ୍ୟଧିକ ଚର୍ବି ଜମିଲେ ଯକୃତ କୋଷରେ ଏକ ପ୍ରକାର ପ୍ରଦାହ ସୃଷ୍ଟି ହୋଇ ରକ୍ତରେ ଲିଭର ପାଚକ ରସର ମାତ୍ରା ବୃଦ୍ଧିପ୍ରାପ୍ତ ହୁଏ। ଏହାକୁ ନାସ୍ ବା ଷ୍ଟିଆଟୋ ହେପାଟାଇଟିସ୍ କୁହାଯାଏ। ଧୀରେ ଧୀରେ ଚର୍ବି ଜମିଲେ ଲିଭର କୋଷର କ୍ଷତ ସୃଷ୍ଟି ହୋଇ ସଂଯୋଜକ ତନ୍ତୁରେ ମୋଟା ଦାଗ ଜମିଯାଏ। ଏହା ଯକୃତର କାର୍ଯ୍ୟ କ୍ଷମତାକୁ କମାଇ ଦିଏ ଓ ସୂତ୍ରତନ୍ତୁମୟତା ଯୋଗୁଁ ଯକୃତ ସଙ୍କୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ହୋଇ ଧୀରେ ଧୀରେ ସିରୋସିସ୍ ବା ଜଳଉଦରୀ ରୋଗର ସୃଷ୍ଟି ହୁଏ। ମଧୁମେହ ରୋଗରେ ଯକୃତ କ୍ୟାନସରର ସଂଖ୍ୟା ମଧ୍ୟ ଅଧିକ। ମଧୁମେହରେ ଲିଭରର ପିତ□କୋଷରେ ପଥର ସୃଷ୍ଟି ହୁଏ। ମଧୁମେହ ରୋଗରେ ବ୍ୟବହୃତ ଔଷଧର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ବେଳେ ବେଳେ ଜଣ୍ଡିସ୍ ହୁଏ। ମଧୁମେହରେ ଜଣ୍ଡିସ ବା ହେପାଟାଇଟିସ୍ ହେଲେ ସେଥିରେ ଜଣ୍ଡିସ୍‌ର ମାତ୍ରା ଅତ୍ୟଧିକ ଭାବରେ ବଢ଼ିଯାଏ ଓ ବେଳେବେଳେ ପେଟରେ ପାଣି ଜମିଯାଏ। ବେଳେ ବେଳେ ରୋଗୀ ମାନେ ସେଥିରେ ମୃତ୍ୟୁବରଣ କରନ୍ତି। ମଦ୍ୟପାନ ଓ ହେପାଟାଇଟିସ୍ ନ୍ତବି', ନ୍ତସି'କୁ ବାଦ ଦେଲେ ମଧୁମେହ ରୋଗ ହେଉଛି ଲିଭର ସିରୋସିସ୍ ବା ଜଳଉଦରୀ ବ୍ୟାଧିର ମୁଖ୍ୟ କାରଣ। ମଧୁମେହ ବା ହେପାଟାଇଟିସ୍ ନ୍ତବି' ଓ ନ୍ତସି' ଭୂତାଣୁ ବେଳେ ବେଳେ ମିଶି ଯକୃତକୁ ଆକ୍ରମଣ କରନ୍ତି। ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଖରାପ ହେଲେ ଏହା ସାଂଘାତିକ ଅବସ୍ଥା ସୃଷ୍ଟି କରେ। ଲିଭରରେ ଅତ୍ୟଧିକ ଲୌହକଣିକା ଜମି ଗଲେ ଲିଭର ସିରୋସିସ୍ ଓ ଡାଏବେଟିସ୍ ହୁଏ। ଏହାକୁ ବ୍ରୋଞ୍ଜ ଡାଏବେଟିସ ବା ହିମୋକ୍ରୋମାଟୋସିସ୍ କୁହନ୍ତି। ଅଟୋଇମ୍ୟୁନ୍ ଲିଭର ରୋଗରେ ମଧ୍ୟ ଅଗ୍ନ୍ୟାଶୟ ଖରାପ ହୋଇ ଡାଏବେଟିସ୍ ହୁଏ। ଏହାକୁ ଟାଇପ-୧ ଡାଏବେଟିସ ଓ ଅଟୋଇମ୍ୟୁନ୍ ଲିଭର ରୋଗ ବୋଲି କୁହନ୍ତି। ମଧୁମେୟରେ ଅଗ୍ନ୍ୟାଶୟ ଓ ଲିଭର ଏକାଠି ଆକ୍ରାନ୍ତ ହେଲେ ଉଭୟ ରୋଗର ଲକ୍ଷଣ ଦେଖାଯାଏ। ଭୋକ ଲାଗେନାହିଁ, ଜଣ୍ଡିସ୍ ହୁଏ, ଆଖି ହଳଦିଆ ଦେଖାଯାଏ, ପେଟରେ ପାଣି ଜମିଯାଏ। ବେଳେବେଳେ ବୃକକ୍ ଖରାପ ହୋଇ ପରିସ୍ରା କମିଯାଏ। ମନୁଷ୍ୟର ଚେତା ମଧ୍ୟ ବୁଡ଼ିଯାଏ। ମଧୁମେହ ରୋଗ ଯୋଗୁଁ ହୃତ୍‌ପିଣ୍ଡ, ଲିଭର, ଫୁସ୍‌ଫୁସ୍, ବୃକକ୍, ରକ୍ତନଳୀ ଓ ସ୍ନାୟୁଗୁଚ୍ଛ ଇତ୍ୟାଦି ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଖରାପ ହୋଇଯାଏ। ଏହା ଏକ ଦାରୁଣ ବ୍ୟାଧି ଓ ରୋଗୀ ମୃତ୍ୟୁମୁଖରେ ପଡ଼େ। ପ୍ରଥମ ଅବସ୍ଥାରୁ ଉଭୟ ରୋଗର ଚିକିତ୍ସା ବିଶେଷଜ୍ଞ ଚିକିତ୍ସକ ମାନଙ୍କ ଦ୍ୱାରା କଲେ ଏଥିରେ ରୋଗ ଉପଶମ ହେବାର ଆଶା ରହିଛି। ଇନ୍‌ସୁଲିନ୍ ଓ ବିଭିନ୍ନ ପ୍ରକାର ଲିଭର ଔଷଧ ପ୍ରୟୋଗ କରାଯାଏ। ରୋଗୀ ମାନଙ୍କୁ ଦରକାର ହେଲେ ଆଇସିୟୁରେ ରଖିବାକୁ ପଡ଼େ। ତେଣୁ ଏସବୁ କ୍ଷେତ୍ରରେ ପ୍ରଥମରୁ ସାବଧାନ ହେବାର ବହୁତ ଆବଶ୍ୟକତା ରହିଛି। ନିୟମିତ ଶାରୀରିକ ବ୍ୟାୟାମ ଓ ଯୋଗାସନ କଲେ ମଧୁମେହର ନିଆଁ କମିଯାଏ ଓ ଯକୃତର ମଧ୍ୟ ଉପଶମ ମିଳେ।

## ଡାଏଟ୍ ରୁଲ୍

◆ ଡାକ୍ତର ଶୁଭଶ୍ରୀ ମିଶ୍ର



**ବ୍ରେକ୍‌ଫାଷ୍ଟ ହେଉ ଅବା ଲଂଚ କିମ୍ବା ଡ଼ିନର। ଏସବୁ କେବଳ ଆମର ଭୋକ ମେଂଟାଏନି ବରଂ ଶରୀର, ମନ, ମସ୍ତିଷ୍କ ଓ ସ୍ୱଭାବକୁ ବି ପ୍ରଭାବିତ କରିଥାଏ। ସେଥିପାଇଁ କୁହାଯାଏ ଯେଉଁଭଳି ଖାଦ୍ୟ ସେହିଭଳି ମନ। ଅତଏବ ମନ ଓ ଶରୀର ପାଇଁ ଖାଦ୍ୟର ଉପଯୋଗିତା ଖୁବ୍ ବେଶି। ହେଲେ ଆଜିକାର ବ୍ୟସ୍ତବହୁଳ ଜୀବନରେ ଖାଦ୍ୟ ଉପରେ ବିଶେଷ ଧ୍ୟାନ ଦେଇ ହୁଏ ନାହିଁ। ଧାଁ ଦଉଡ଼ ଭିତରେ ପାଖରେ ଯାହା ବି ମିଳେ ଲୋକେ ଖାଇ ନିଅନ୍ତି। ସେ ଛଣାଛଣି, ମସଲାଯୁକ୍ତ ହେଉ ଅବା ଶୁଖିଲା ଖାଦ୍ୟ। ଏମିତିକି ଚା ଜଳଖିଆରେ ବି ଦିନ କଟିଯାଏ। ଏଭଳି ଅନିୟମିତ ଖାଦ୍ୟ ଅଭ୍ୟାସ ଯୋଗୁଁ ଆମର ପାଚନ ଶକ୍ତି ଦୁର୍ବଳ ହୋଇଯାଏ। ଫଳରେ ବିଭିନ୍ନ ରୋଗ ମାଡ଼ି ବସେ। ସେଥିପାଇଁ ଆମେ ଆମର ଡାଏଟ୍ ପ୍ରତି ସଚେତନ ହେବା ସହିତ ଖାଦ୍ୟ କିଭଳି ଓ କେତେବେଳେ ଖାଇବା ଦରକାର ଜାଣିବା ନିହାତି ଆବଶ୍ୟକ।**

***କେତେବେଳେ ଖାଇବେ :*** ସକାଳ ୧୦ଟାରୁ ୧୧ଟା ଭିତରେ ମୁଖ୍ୟ ଖାଦ୍ୟ ଖାଇବା ଆବଶ୍ୟକ। କାରଣ ଏହା ସାରାଦିନ ଧାଁ ଦଉଡ଼ ପାଇଁ ଶକ୍ତି ଯୋଗାଇଥାଏ। କେତେକ ସକାଳେ କେବଳ ଚା ଜଳଖିଆ ଖାଇ ରାତିରେ ପୁରା ଖାଦ୍ୟ ଖାଇ ଥାଆନ୍ତି, ଯାହାକି ଶରୀର ପାଇଁ ଆଦୌ ଭଲ ନୁହେଁ। ତେବେ ଦିନ ବେଳାର ଖାଦ୍ୟ ଶାରୀରିକ ପରିଶ୍ରମ ଅନୁସାରେ ଏବଂ ରାତ୍ରଭୋଜନ ହାଲୁକା ଏବଂ ସହଜ ପାଚ୍ୟ ହେବା ଜରୁରୀ। ରାତ୍ରଭୋଜନକୁ ଶୋଇବାର ଦୁଇ ତିନିଘଂଟା ପୂର୍ବରୁ ଖାଇବା ବିଧେୟ। ଭୋକ ଲାଗିଲେ ହିଁ ଖାଦ୍ୟ ଖାଇବା ସହ ନିୟମିତ ସମୟରେ ଭୋଜନ କରିବା ଆବଶ୍ୟକ, ଯାହାଫଳରେ ହଜମ ଭଲ ହୁଏ ଓ ପାଚନ କ୍ଷମତା ଠିକ୍ ରହେ।

***କେମିତି ଖାଇବେ :*** ହାତ, ଗୋଡ଼, ମୁହଁ ଭଲଭାବେ ଧୋଇ ଆସନ ଉପରେ ବସି ଖାଦ୍ୟ ଖାଇବା ଭଲ। ଠିଆ ହୋଇ, ଜୋତା ପିନ୍ଧି ଖାଇବା ଠିକ୍ ନୁହେଁ। ଖାଦ୍ୟକୁ ଭଲଭାବେ ଚୋବାଇ ଖାଇବା ଆବଶ୍ୟକ। ନଚେତ୍ ଦାନ୍ତର କାମ ଅନ୍ତଃନଳୀକୁ କରିବାକୁ ପଡ଼ିଥାଏ। ଯଦ୍ୱାରା ଖାଦ୍ୟ ଭଲଭାବେ ହଜମ ହୋଇ ପାରିନଥାଏ। ଖାଇବା ସମୟରେ କଥାବର୍ତ୍ତା କରିବା ଉଚିତ୍ ନୁହେଁ। କାରଣ କଥାବାର୍ତ୍ତା କରିବା ଯୋଗୁଁ ଖାଦ୍ୟ ହଜମ ପାଇଁ ନିର୍ଗତ ହେଉଥିବା ଲାଳ ଖାଦ୍ୟରେ ଠିକ୍ ଭାବେ ମିଶି ପାରିନଥାଏ। ଟିଭି ଦେଖି କିମ୍ବା ପେପର ପଢ଼ି ଖାଇବା ଅନୁଚିତ। ଶେଷରେ ଖାଦ୍ୟକୁ ସ୍ୱାଦ ପାଇଁ ନୁହେଁ ବରଂ ଉତମ ସ୍ୱାସ୍ଥ୍ୟ ପାଇଁ ଖାଇବା ଦରକାର। ଲୋଭରେ ଅଧିକ ଖାଇବା, ରୋଗକୁ ଆମନ୍ତ୍ରଣ କରିଥାଏ। ମନେରଖନ୍ତୁ ଖାଦ୍ୟ ଖାଇବା ବେଳେ ସର୍ବଦା ଶାନ୍ତ ଓ ପ୍ରସନ୍ନ ମନରେ ଖାଇବା ଆବଶ୍ୟକ

***ଖାଇବା ପରେ କ'ଣ କରିବେନି :*** ଖାଦ୍ୟ ଗ୍ରହଣ କରିବା ପରେ ସଙ୍ଗେ ସଙ୍ଗେ ପାଣି କିମ୍ବା ଚା ପିଇବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ଖାଦ୍ୟ ଠିକ୍ ଭାବେ ହଜମ ହୁଏନି। ଏହାଛଡ଼ା ଖାଇବା ପରେ ଦୌଡ଼ିବା, ଖାଲିରେ ବସି ରହିବା, ଗଡ଼ିବା କିମ୍ବା ଶୋଇବା ଶରୀର ପକ୍ଷେ ହିତକର ନୁହେଁ। ଖାଇବା ପରେ ସାମାନ୍ୟ ଚାଲିବା ଭଲ।

***ଖାଇବା ପରେ କ'ଣ କରିବେ :*** ମଧ୍ୟାହ୍ନ ଭୋଜନ ପରେ ସାମାନ୍ୟ ବୁଲିବା ଏବଂ ରାତ୍ରାଭୋଜନ ପରେ ଶହେ ପାଦ ଚାଲିବା ସହ ବାମକଡ଼ ମାଡ଼ି ଶୋଇବା ଭଲ। ଖାଇବା ପରେ ବଜ୍ରାସନରେ ବସିଲେ ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଖାଇବାର ଏକଘ□। ପରେ କ୍ଷୀର କିମ୍ବା ଫଳ ଖାଇଲେ ଖାଦ୍ୟ ଭଲଭାବେ ହଜମ ହୋଇଥାଏ।

***କ'ଣ ଖାଇବେନି :*** ରାତିରେ ଦହି, ତିଳ ତଥା ଭାରି ଖାଦ୍ୟ ଖାଇବା ଠିକ୍ ନୁହେଁ। କ୍ଷୀର ସହ ଲୁଣ, ଦହି, କୌଣସି ପ୍ରକାର ଖଟା ପଦାର୍ଥ, ମାଛ, ପଣସ ଖାଇବା ଉଚିତ ନୁହେଁ। ମହୁ ଓ ଘିଅକୁ ସମାନ ମାତ୍ରାରେ ଖାଇବା ବି ଶରୀର ପାଇଁ ହିତକର ନୁହେଁ। ଏଥିସହିତ କ୍ଷୀର-ଖିରି ସାଙ୍ଗରେ ଖେଚେଡ଼ି ଖାଇବା ଅନୁଚିତ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬*

## ଇମ୍ୟୁନଥୋରାପୀ



ଯଦି କୌଣସି ଖାଦ୍ୟ ପ୍ରତି ଆପଣଙ୍କର ଆଲର୍ଜିକ ରହିଛି, ତେବେ ଆପଣ କ'ଣ କରିବେ? ଅଣଦେଖା କରିବା କଣ ଠିକ୍ ହେବ? ବୋଧହୁଏ ଠିକ୍ ନୁହେଁ। ନ୍ୟୁ ଇଂଲଣ୍ଡ ଜର୍ଣ୍ଣାଲ ଅଫ୍ ମେଡିସିନରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଆଲର୍ଜି ଥିବା ଖାଦ୍ୟକୁ ଶିଶୁଙ୍କ ଖାଦ୍ୟରେ ଧୀରେ ଧୀରେ ମିଶାଇଲେ ସେମାନଙ୍କର ଆଲର୍ଜିକ୍ ରୋଗ ଭଲ ହୋଇଥାଏ। ୫ରୁ ୧୧ ବର୍ଷୀୟ ୫୫ଜଣ ପିଲାଙ୍କ କ୍ଷେତ୍ରରେ, ଯେଉଁମାନଙ୍କର ଅଣ୍ଡା ପ୍ରତି ଆଲର୍ଜି ରହିଥିଲା, ଏହି ଉପାୟ ଅବଲମ୍ବନ କରାଯାଇଥିଲା। ଏହାକୁ ଇମ୍ୟୁନଥୋରାପୀ କୁହାଯାଏ। ଏହି ପିଲାମାନଙ୍କୁ ଏଗ୍ ପାଉଡର ପ୍ରଦାନ କରାଯାଇଥିଲା। ପ୍ରଥମ ୧୦ ମାସରେ ୫୦ ପ୍ରତିଶତ ଏବଂ ୨୨ ମାସରେ ୭୫ ପ୍ରତିଶତ ପିଲାଙ୍କ ନିକଟରେ ଆଲର୍ଜିକ୍ ରୋଗର ଲକ୍ଷଣ ସମ୍ପୂର୍ଣ୍ଣ ହ୍ରାସ ପାଇଥିଲା। ଏହି ପିଲାମାନେ ଏହାପରେ ଅଣ୍ଡାକୁ ଖାଦ୍ୟରେ ଗ୍ରହଣ କରିବାବେଳେ ସେମାନଙ୍କ ନିକଟରେ ସ୍ୱଳ୍ପ କିମ୍ବା ଆଦୌ ଆଲର୍ଜିକ୍ ରୋଗର ଲକ୍ଷଣ ଦେଖା ଦେଇ ନଥିଲା। ୫୫ଜଣଙ୍କ ଭିତରୁ ୧୧ ଜଣଙ୍କର ଆଲର୍ଜିକ୍ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲା। ସେମାନେ ସିଧାସଳଖ ଭାବରେ ଅଣ୍ଡା କିମ୍ବା ଅଣ୍ଡାରୁ ପ୍ରସ୍ତୁତ ଯେକୌଣସି ଖାଦ୍ୟକୁ ଖାଇ ପାରୁଥିଲେ। ରିସର୍ଚ୍ଚମାନଙ୍କ ଅନୁସାରେ ଘରେ ବିନା ଅଭିଜ୍ଞତାରେ ଅଭିଭାବକମାନେ ପିଲାର ଆଲର୍ଜି ଦୂର କରିବା ଲାଗି ଏହି ଉପାୟ ଅବଲମ୍ବନ କରିବା ଉଚିତ ନୁହେଁ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଇମ୍ୟୁନଥେରାପୀ ଆରମ୍ଭ କରିବା ପିଲା ଲାଗି ଉତମ।

## ହର୍ବାଲ ବାଥ୍

◆ ଅପର୍ଣ୍ଣା ନାୟକ

**ଖରାଦିନେ ସତେଜ ଓ ପ୍ରଫୁଲ୍ଲ ରହିବା ପାଇଁ ଭଲ ଭାବେ ସ୍ନାନ କରିବା ଆବଶ୍ୟକ। ଏହା ମନକୁ ଖୁସି ରଖିବା ସହ ଆପଣଙ୍କ ତ୍ୱଚା ପାଇଁ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ। ଖାଲି ସ୍ନାନ ଦ୍ୱାରା ଏହା ସମ୍ଭବ ହୋଇପାରି ନଥାଏ। ଏଥିପାଇଁ ଆମେ କେତେକ ସ୍ୱତନ୍ତ୍ର ହର୍ବାଲ ସ୍ନାନ ସଂପର୍କରେ କିଛି ତଥ୍ୟ ଦେଉଛୁ।**

**ମିଂଟ ବାଥ୍ :** ଏଥିପାଇଁ ଦୁଇ ଚାମଚ ପୁଦିନା ପତ୍ରକୁ ପାଣିରେ ଗରମ କରି ପାଣିକୁ ଛାଣି ଦିଅନ୍ତୁ। ଗାଧୋଇବା ପରେ ଏହି ପାଣିକୁ ଦେହରେ ଢ଼ାଳନ୍ତୁ କିମ୍ବା ପୋଛି ଦିଅନ୍ତୁ। ଏହା ଆପଣଙ୍କୁ ଦିନଯାକ ସତେଜ ରଖିବ। **ରୋଜ୍ ବାଥ :** ଏଥିପାଇଁ ଗୋଲାପ ଫୁଲର ପାଖୁଡ଼ାକୁ ରାତି ସାରା ପାଣିରେ ଭିଜାଇ ରଖନ୍ତୁ। ସକାଳେ ଏଥିରେ କିଛି ରୋଜ୍ ଏସେନ୍‌ସ୍ ପକାନ୍ତୁ। ଗାଧୋଇବା ପରେ ଏହାକୁ ଦେହରେ ଲଗାନ୍ତୁ। ଏହା ଆପଣଙ୍କୁ ସତେଜ ତଥା ସୁଗନ୍ଧିତ ରଖିବା।

**ଅରେଞ୍ଜ ବାଥ୍ :** ଏଥିପାଇଁ କମଳା ଚୋପା ଓ ଦୁଇ ଚାମଚ କ୍ଷୀର



ସହରର ଏକ ମିଶ୍ରଣ ତିଆରି କରନ୍ତୁ। ସ୍ନାନ କରିବା ୩୦ ମିନିଟ୍ ପୂର୍ବରୁ ଏହାକୁ ଦେହରେ ଲଗାଇ ଦିଅନ୍ତୁ। ଏହାପରେ ଅଳ୍ପ ଉଷୁମ ପାଣିରେ ଏହାକୁ ପୋଛି ଦିଅନ୍ତୁ ଓ ପରେ ସ୍ନାନ କରନ୍ତୁ। ଶୁଷ୍କ ତ୍ୱଚା ପାଇଁ ଏହା ବେଶ୍ ଫଳପ୍ରଦ। ଯଦି ଆପଣଙ୍କ ତ୍ୱଚା ତୈଳାକ୍ତ ତେବେ କମଳା ଚୋପା ସହ ଅଧା ଚାମଚ ଲେମ୍ବୁରସ, ଏକ ଚାମଚ ମହୁ, ବେସନ ଓ ନିମ୍ବ ପତ୍ର ମିଶାଇ ବାଟି ଦିଅନ୍ତୁ। ଏହାକୁ ଗାଧୋଇବାର ୩୦ ମିନିଟ୍ ପୂର୍ବରୁ ଲଗାନ୍ତୁ। ଶୁଖିଯିବା ପରେ ଥଣ୍ଡା ପାଣିରେ ସ୍ନାନ କରନ୍ତୁ।

**ଲେମନ୍ ବାଥ୍ :** ସ୍ନାନ କରିବାର ଏକ ଘଂଟା ପୂର୍ବରୁ ପାଣିରେ ଲେମ୍ବୁ ଚୋପା ପକାଇ ଦିଅନ୍ତୁ। ଏହା ସହ ଲେମ୍ବୁ ରସ ମଧ୍ୟ ପକାଇ ଦିଅନ୍ତୁ। ଏଥିରେ ସ୍ନାନ କରନ୍ତୁ।

**ନିମ୍ ବାଥ୍ :** ଏହା ତ୍ୱଚା ପାଇଁ ବେଶ୍ ଉପକାରୀ। ପ୍ରଥମେ ନିମ୍ବ ପତ୍ରକୁ ପାଣିରେ ପକାଇ କିଛି ସମୟ ଫୁଟାଇ ନିଅନ୍ତୁ। ଏହାକୁ ଥଣ୍ଡା କରି ଏଥିରେ ସ୍ନାନ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଚର୍ମ ରୋଗରୁ ମଧ୍ୟ ରକ୍ଷା କରିଥାଏ।

*'ଯଜାତି ନିବାସ' ସେକ୍ଟର-୧୦, ସିଡିଏ, କଟକ*

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯକ୍ରମ ପାଇଁ ଉପଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

ଉଦଳା(ନିପ୍ର): ଉଦଳା ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକା ରେ ସ୍ୱତନ୍ତ୍ର ସଘନ ସଂଶଧୋନ କାର୍ଯକ୍ରମ ର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ଭୋଟର ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଉଦଳାଙ୍କ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯକ୍ରମ ମଇ ୩୦ ତାରିଖ ଠାରୁ ଆରମ୍ଭ ହୋଇ ଜୁନ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯକ୍ରମ ର ସମସ୍ତ ତଥ୍ୟ ଅବଗତ କରିବା ସହିତ ଜନସାଧାରଣଙ୍କ ନିକଟ ରେ ସଠିକ୍ ତଥ୍ୟ ଉପସ୍ଥାପନ କରିବାକୁ ଉପଜିଲ୍ଲାପାଳ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପରାମର୍ଶ ଦେଇଥିଲେ । ଉପଜିଲ୍ଲାପାଳଙ୍କ କହିବା ଅନୁସାରେ କୌଣସି ଭୋଟର ଙ୍କ ନାମ ଯେପରି ବାଦ୍ ନ ପଡେ ସେଥି ପ୍ରତି ଦୃଷ୍ଟି ରଖିବା ପାଇଁ ପ୍ରଶାସକ ଓ ସାମ୍ବାଦିକ ପ୍ରମୁଖ ଭୂମିକା ରହିଥିବାର ମତ ପ୍ରକାଶ କରିଥିଲେ । ଏହି ସମ୍ମିଳନୀ ରେ ଡେପୁଟି କଲେକ୍ଟର ସହକାରୀ ଜିଲ୍ଲାପାଳ ଉପଖଣ୍ଡ ।ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳ ଙ୍କ କର୍ମଚାରୀ ତଥା ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ ।

## ନିର୍ବାଚନ ମଣ୍ଡଳୀ ବିଜେପିର ବୁଥ୍‌ସ୍ତରୀୟ ଏଜେଂଟ କର୍ମଶାଳା

ଯାଜପୁର(ନିପ୍ର): ଭୋଟର ତାଲିକା ସ୍ୱତନ୍ତ୍ର ସଂଘନ ସଂଶୋଧନ କର୍ମଶାଳା ଯାଜପୁର ଭାରତୀୟ ଜନାତା ପାର୍ଟି ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୬୨ ଗୋଟି ଭାରତୀୟ ଜନତା ପାର୍ଟି ପକ୍ଷରୁ ନିଯୁକ୍ତି ପାଇଥିବା ବୁଥ୍‌ସ୍ତରୀୟ ଏଜେଂଟ ମାନଙ୍କର ଏକ କର୍ମଶାଳା ଯାଜପୁର ସହରର ବିରଜା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ କରିବା ଏଥିରେ ମୃତ ବ୍ୟକ୍ତିଙ୍କ ନାମ ଏବଂ ନକଲି ନାମ ଗୁଡିକୁ ଚିହ୍ନଟ କରି ଭୋଟର ତାଲିକାରୁ ହଟାଯିବା, ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବା ଯାହାଦ୍ୱାରା ଭୋଟର ତାଲିକାର ସଠିକତା ଓ ପାରଦର୍ଶିତା ବୃଦ୍ଧି ହେବା ନେଇ ଏହି କର୍ମଶାଳାରେ ବୁଥ୍‌ସ୍ତରୀୟ ଏଜେଂଟ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ବୁଥ୍‌ସ୍ତରୀୟ ଅଫିସରଙ୍କୁ ସମ୍ପୂର୍ଣ୍ଣଭାବେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ କର୍ମଶାଳାରେ ଉପସ୍ଥିତ ଥିବା ନେତୃବୃନ୍ଦମାନେ ବୁଥ୍‌ସ୍ତରୀୟ ଏଜେଂଟମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ସଚେତନ କରାଇଥିଲେ । ସଠିକ୍‌ଭାବେ ଯଦି ବୁଥ୍‌ସ୍ତରରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ କାର୍ଯ୍ୟକାରୀ



କରାଯାଏ ତାହାହେଲେ ଆଗାମୀ ଦିନରେ ଭାରତୀୟ ଜନତାପାର୍ଟି ବୁଥ୍‌ସ୍ତରରେ ମଜ୍‌ବୁଦ୍ ହେବା ସହ ସଂଗଠନ ମଜ୍‌ବୁତ ହେବ ଏବଂ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଭାରତୀୟ ଜନତାପାର୍ଟି ବିପୁଳ ସଫଳତା ଲାଭ କରିବ ବୋଲ ଯୋଗଦେଇଥିବା ନେତୃମନ୍ତ୍ରୀ ବୁଥ୍‌ସ୍ତରୀୟ ଏଜେଂଟ ମାନଙ୍କୁ ସଚେତନ କରାଇଥିଲେ । ଏହା ଦ୍ୱାରା ଅବାଧ, ନିରପେକ୍ଷ, ସ୍ୱଚ୍ଛ ନିର୍ବାଚନ ହୋଇପାରିବ ବୋଲି ନେତାମାନେ କହିଥିଲେ । ଏହି କର୍ମଶାଳାକୁ ଯାଜପୁର ଭାରତୀୟ ଜନତା ପାର୍ଟିର ସଭାପତି ଦେବଜାନୀ ପ୍ରଧାନ ଓ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ନେତା ଗୌତମ ରାୟ ଉଦ୍‌ଘାଟନ କରିବା ସହିତ ବୁଥ୍‌ସ୍ତରୀୟ ଏଜେଂଟମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି ପ୍ରଶିକ୍ଷଣ କର୍ମଶାଳାରେ ଯାଜପୁର ଜିଲ୍ଲା ସାଧାରଣ ସମ୍ପାଦକ ତପନ କୁମାର ନନ୍ଦ, ସମ୍ପାଦକ ସଂଜୟ କୁମାର ସିଂହ, ପୂର୍ବତନ ସମ୍ପାଦକ ସୁଦିପ୍ତ କୁମାର ପଣ୍ଡା, ସଂଯୋଜକ ଗୋକୁଳି ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ । ଏହି କର୍ମଶାଳାରେ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୬୨ ଗୋଟି ବୁଥ୍‌ର ବୁଥ୍‌ସ୍ତରୀୟ ଏଜେଂଟମାନେ ଯୋଗ ଦେଇଥିଲେ । ଏହି ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ମଇ ମାସ ୩୦ ତାରିଖରୁ ଆରମ୍ଭ ହୋଇ ଜୁନ୍ ମାସ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ପ୍ରତି ଘରକୁ ସରକାରଙ୍କ ଦ୍ୱାରା ନିଯୁକ୍ତି ହୋଇଥିବା ବୁଥ୍‌ଲେବୁଲ୍ ଅଫିସରମାନେ ପହଂଚି ସ୍ୱତନ୍ତ୍ର ସଂଘନ ସଂଶୋଧନ କାର୍ଯ୍ୟକ୍ରମ କରିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଅଛି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବ୍ଲକ୍ ଅଧ୍ୟକ୍ଷ କିଶୋର ସାହୁ



ନୟାଗଡ଼(ନିପ୍ର): ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ ନିକଟରେ ବିଜେଡିରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେବା ପରେ ବିଜେପିରେ ଯୋଗ ଦେଇଥିଲେ । ନୟାଗଡ଼ ବ୍ଲକ୍‌ର ବିକାଶ ନିମନ୍ତେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରିଛନ୍ତି । ବ୍ଲକ ଅଧ୍ୟକ୍ଷଙ୍କ ସହ ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ମଧ୍ୟ ଉପସ୍ଥିତ ଥିଲେ ନୟାଗଡ଼ ଅଂଚଳର ବିକାଶ, ଜନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ନୟାଗଡ଼ର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡିଥିଲେ ।

## ଉଦ୍‌ଘାଟିତ ହେଲା ଚତୁର୍ବିଂଶ ଜାତୀୟ ଲୋକମେଳା ଓ ସପ୍ତଦଶ ଜାତୀୟ କୃଷିମେଳା ୨୦୨୬

ପୁରୀ(ନିପ୍ର): ଶ୍ରୀକ୍ଷେତ୍ର ସୂଚନା, ପୁରୀ ପକ୍ଷରୁ ଆୟୋଜିତ ୨୪ତମ ଜାତୀୟ ଲୋକମେଳା–୨୦୨୬ ଓ ୧୭ତମ ଜାତୀୟ କୃଷିମେଳା–୨୦୨୬ର ପଂଚଦିବସୀୟ ମହୋତ୍ସବ ପୁରୀ ସମୁଦ୍ରତଟସ୍ଥ ଗୋଲଡ୍ଡେନ ସି ବିଚ୍ ପ୍ରାଙ୍ଗଣରେ ଆଡମ୍ବରପୂର୍ଣ୍ଣ ଭାବେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଉଦ୍ଘାଟିତ ହୋଇଛି । ଏହି ଜାତୀୟ ସ୍ତରୀୟ ମେଳା ୧ ଜୁନରୁ ୫ ଜୁନ ପର୍ଯ୍ୟନ୍ତ ଚାଲିବ ।ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଲୋକ ସଂସ୍କୃତି, ଆଦିବାସୀ ପରିଚୟ ଏବଂ ଆଧୁନିକ କୃଷି ପ୍ରଯୁକ୍ତିର ସମନ୍ୱୟ ମାଧ୍ୟମରେ ଆତ୍ମନିର୍ଭର ଭାରତ ଗଠନରେ ଏପରି ଜାତୀୟ ମେଳାର ଗୁରୁତ୍ୱ ଉପରେ ମତ ରଖିଥିଲେ ।ଆସନ୍ତା ବର୍ଷ ଯେ ହେତୁ କାର୍ଯ୍ୟକ୍ରମ କୁ ୨୫ ବର୍ଷ ହେଉଛି ତେଣୁ ଆୟୋଜକ ମାନଙ୍କ ଅନୁରୋଧ ଓ ଠାକୁରଙ୍କ ନିମନ୍ତ୍ରଣ ରକ୍ଷା କରି ଆରବର୍ଷ ନିଶ୍ଚୟ ଆସିବି ବୋଲି ଉପ ମୁଖ୍ୟମନ୍ତ୍ରୀ କହିବା ସହ ଭାରତବର୍ଷ ର ସବୁ ରାଜ୍ୟ ର କୃଷିମନ୍ତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ରାଜ୍ୟର କୃଷକ ଓ ସାଂସ୍କୃତିକ ଦଳ ମାନଙ୍କୁ ଆମନ୍ତ୍ରଣ କରିବା ସମ୍ପର୍କରେ ସୂଚନା ଦେଇଥିଲେ । ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡିଶା ୨୦୩୬ କୁ ସମ୍ମିଳିତ ସହଯୋଗ ରେ ସଫଳ କରିବା । ଏକ ଭାରତ- ଶ୍ରେଷ୍ଠ ଭାରତ ପୁରୀ ମାଟିରୁ ଆରମ୍ଭ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ଉଦ୍ଘାଟନୀ ଅଧିବେଶନରେ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ ପରେ ପ୍ରଦୀପ ପ୍ରଜ୍ୱଳନ ଓ ବେଦପାଠ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରାଯାଇ ଥିଲା । ସ୍ୱାଗତ ଅଭିଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ପରେ ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସଂସ୍ଥାର କାର୍ଯ୍ୟ କଳାପ ଓ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଆଗାମୀ ରୌପ୍ୟ ଜୟନ୍ତୀ ଲୋକମେଳା ନିମନ୍ତେ ସମସ୍ତ ଅତିଥି ଙ୍କୁ ଶ୍ରୀମନ୍ଦିରର ଗୁଆ ଓ ମହାପ୍ରସାଦ ନିମନ୍ତ୍ରଣ ମାଧବଚନ୍ଦ୍ର ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ଅର୍ପଣ କରାଯାଇଥିଲା । ଏହି ଅବସରରେ ଶ୍ରୀକ୍ଷେତ୍ର ସୂଚନାର ଅଧ୍ୟକ୍ଷ ତଥା ପୂର୍ବତନ କୁଳପତି ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀ ଲୋକମେଳାର ୨୪ ବର୍ଷର ଯାତ୍ରା, ଆଦିବାସୀ ଓ ଲୋକ ସଂସ୍କୃତିର ସଂରକ୍ଷଣ ଏବଂ କୃଷିମେଳା ମାଧ୍ୟମରେ କୃଷକ ସଶକ୍ତିକରଣ ଉପରେ ମତବ୍ୟକ୍ତ କରିଥିଲେ । ଉଦ୍ଘାଟନୀ ଉତ୍ସବରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଂଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ ତୀର୍ଥ ଓ ପର୍ଯ୍ୟଟନ ର ମହାସଂଗମ ସ୍ଥଳୀ ଶ୍ରୀକ୍ଷେତ୍ର ରେ ଆୟୋଜିତ ଏହି ଜାତୀୟ ଲୋକକଳା ଓ କୃଷି ମେଳା, ଶିକ୍ଷା, କଳା ଓ ସଂସ୍କୃତି ର ପ୍ରେରଣା ମଂଚ ହେଉ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ ରାଜ୍ୟରୁ ଆସିଥିବା ଲୋକ ଓ ଆଦିବାସୀ କଳାକାର ଦଳମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିମାନଙ୍କୁ ସ୍ମାରକ ପ୍ରଦାନ କରାଯାଇଥିବା ବେଳେ ଆୟୋଜକ କମିଟିର ସଭାପତି ଜୟନ୍ତ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷୀୟ ଭାଷଣ ପ୍ରଦାନ କରିଥିଲେ । ଏଥିରେ ପ୍ରଶାସନିକ କମିଟି ର ଅଧ୍ୟକ୍ଷ ବଦ୍ରି ମିଶ୍ର ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିବା ବେଳେ, ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ମା ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ଓ ସନ୍ତୋଷ କୁମାର ମହାନ୍ତି ଉତ୍ସବ ଉପରେ ମତବ୍ୟକ୍ତ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ ସହ ଉଦ୍ଘାଟନୀ ଅଧିବେଶନ ସମାପ୍ତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବ ପରେ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶା ସମେତ ଜମ୍ମୁ-କାଶ୍ମୀର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ତ୍ରିପୁରା, ଅସମ ଓ ଅନ୍ୟାନ୍ୟ ରାଜ୍ୟର କଳାକାରମାନେ ପାରମ୍ପରିକ ଲୋକନୃତ୍ୟ, ଆଦିବାସୀ ନୃତ୍ୟ, ଲୋକଗୀତ ଏବଂ ସାଂସ୍କୃତିକ ଉପସ୍ଥାପନା ମାଧ୍ୟମରେ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ । ବିଭିନ୍ନ ଜନଜାତିର ପୋଷାକ, ସଙ୍ଗୀତ, ନୃତ୍ୟ ଓ ଲୋକ ପରମ୍ପରାର ଜୀବନ୍ତ ପ୍ରଦର୍ଶନ ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ।ଲୋକ କଳା ଭାରତର ଆଦିବାସୀ ଓ ଲୋକ ସଂସ୍କୃତିର ସଂରକ୍ଷଣ, ପ୍ରଚାର ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଆଦର୍ଶକୁ ସୁଦୃଢ଼ କରିବାର ଏକ ଜାତୀୟ ମଂଚ ହୋଇଥିବା ବେଳେ,କୃଷି ମେଳା କୃଷକ, ଗବେଷକ, କୃଷି ଉଦ୍ୟୋଗୀ ଓ ସଂସ୍ଥାମାନଙ୍କ ମଧ୍ୟରେ ଜ୍ଞାନ ଓ ପ୍ରଯୁକ୍ତି ବିନିମୟର ଏକ ଅନନ୍ୟ ଜାତୀୟ ପ୍ଲାଟଫର୍ମ ଭାବେ ଉଭା ହୋଇଛି । ଆସନ୍ତା ପାଂଚ ଦିନ ଧରି ଉଭୟ ମେଳାରେ ଦେଶର ବିଭିନ୍ନ ରାଜ୍ୟର ସାଂସ୍କୃତିକ ଦଳ, ହସ୍ତଶିଳ୍ପୀ, କୃଷି ସଂସ୍ଥା, ସରକାରୀ ବିଭାଗ ଓ ପ୍ରଦର୍ଶକ ମାନେ ଅଂଶଗ୍ରହଣ କରିବେ ।

## କୃତ୍ରିମ ବୁଦ୍ଧିମତା, ନୀତିଶାସ୍ତ୍ର ଏବଂ ଆଇନର ଭବିଷ୍ୟତ ଉପରେ ଅନ୍ତର୍ଜାତୀୟ ସେମିନାର ଅନୁଷ୍ଠିତ

ରାୟଗଡ଼ା(ନିପ୍ର): ଉତ୍କଳ ପରିଚାଳନା ଏବଂ ଆଇନଗତ ଅଧ୍ୟୟନ ପ୍ରତିଷ୍ଠାନ (ଟଓଗଖଝ), ରାୟଗଡ଼ା ଦ୍ୱାରା ହୋଟେଲ ତେଜସ୍ୱୀ ଇଂଟରନ୍ୟାସନାଲ୍, ରାୟଗଡ଼ାରେ 'କୃତ୍ରିମ ବୁଦ୍ଧିମତା, ନୀତିଶାସ୍ତ୍ର, ମାନବ ଆଚରଣ ଏବଂ ଆଇନର ଭବିଷ୍ୟତ' ଉପରେ ଏକ ଅନ୍ତର୍ଜାତୀୟ ସେମିନାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସ୍ନାତକୋତର ଦିବସ ପାଳନ ସହିତ ଅନୁଷ୍ଠିତ ହୋଇଥିଲା । ଏହି ସେମିନାର ଶିକ୍ଷାବିତ୍, ଆଇନ ବିଶେଷଜ୍ଞ, ଗବେଷକ, ସାମାଜିକ ନେତା ଏବଂ ଛାତ୍ରଛାତ୍ରୀ ମାନଙ୍କୁ କୃତ୍ରିମ ବୁଦ୍ଧିମତା (ଇଓ)ର ବର୍ଦ୍ଧିତ ପ୍ରଭାବ ଏବଂ ସମାଜ ଏବଂ ଆଇନ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ଉପରେ ଆଲୋଚନା କରିବା ପାଇଁ ଏକତ୍ରିତ କରିଥିଲା । କାର୍ଯ୍ୟକ୍ରମଟି



ଦୀପ ପ୍ରଜ୍ୱଳନ ଏବଂ ଅତିଥିମାନଙ୍କୁ ସମ୍ମାନିତ କରିବା ସହିତ ଆରମ୍ଭ ହୋଇଥିଲା । ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ ଯେ କୃତ୍ରିମ ବୁଦ୍ଧିମତା ବିଶ୍ୱର ଆର୍ଥିକ, ସାମାଜିକ, ପ୍ରଶାସନିକ ଏବଂ ନ୍ୟାୟିକ ବ୍ୟବସ୍ଥାକୁ ଦ୍ରୁତ ଗତିରେ ପରିବର୍ତ୍ତନ କରୁଛି । ସେମାନେ ଗୋପନୀୟତା ସୁରକ୍ଷା, ମାନବାଧିକାର, ଉତରଦାୟିତ୍ୱ ଏବଂ ଆଇନଗତ ଦାୟିତ୍ୱ ସୁନିର୍ଶ୍ଚିତ କରିବା ସହିତ ନୈତିକ ମୂଲ୍ୟବୋଧ ସହିତ ପ୍ରଯୁକ୍ତିବିଦ୍ୟା ଉନ୍ନତିକୁ ସନ୍ତୁଳିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଲୋଚନାରେ ଆଇନଗତ ଶିକ୍ଷାର ଭବିଷ୍ୟତ ଏବଂ ଉଦୀୟମାନ କୃତ୍ରିମ ବିଜ୍ଞାନ ସମ୍ପର୍କିତ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ଦୃଢ଼ ନୀତି ଏବଂ ନିୟାମକ ଢାଂଚା ବିକାଶର ଆବଶ୍ୟକତା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଏବଂ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ । ଉପସ୍ଥିତ ବ୍ୟକ୍ତିଙ୍କ ମଧ୍ୟରେ, ଏବଂ . ଅନେକ ପ୍ରଖ୍ୟାତ ଶିକ୍ଷାବିତ୍ ଏବଂ ସାମାଜିକ ବ୍ୟକ୍ତିତ୍ୱ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସ୍ନାତକୋତର ଦିବସ ପାଳନର ଏକ ଅଂଶ ଭାବରେ, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶୈକ୍ଷିକ ସଫଳତା ପାଇଁ ପ୍ରମାଣପତ୍ର ଏବଂ ସ୍ମାରକୀ ସହିତ ସମ୍ମାନିତ କରାଯାଇଥିଲା । ସମ୍ମାନିତ ବ୍ୟକ୍ତିମାନେ ସ୍ନାତକମାନଙ୍କୁ ବୃତିଗତ ନୀତିଶାସ୍ତ୍ର ବଜାୟ ରଖିବା ଏବଂ ସମାଜରେ ଅର୍ଥପୂର୍ଣ୍ଣ ଅବଦାନ ଦେବା ପାଇଁ ଉତ୍ସାହିତ କରିଥିଲେ ।

## ବିଧାୟକ ଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଂଟନ



ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଏକ ସ୍ୱତନ୍ତ୍ର କାର୍ଯ୍ୟାଦେଶ ବଂଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ପ୍ରାୟ ୬୮ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଂଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଚିତ୍ରାଣୀ ପଟେଲ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ତ୍ରିପାଠୀ କହିଛନ୍ତି ଯେ, ରାଜ୍ୟରେ ବିକାଶମୁଖୀ ସରକାର ଗରିବ ଲୋକଙ୍କ ସାମଗ୍ରିକ ଉନ୍ନତି ପାଇଁ ଏହି ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ଗରିବ ଓ ଅବହେଳିତ ବର୍ଗର ଲୋକମାନଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ କରିବା ସହ ସେମାନଙ୍କୁ ଏକ ସୁରକ୍ଷିତ ଓ ସମ୍ମାନଜନକ ଜୀବନ ଜୀଇଁବାର ସୁଯୋଗ ଦେବା ସରକାରଙ୍କ ମୂଳ ଲକ୍ଷ୍ୟ । ଲୋକହିତକାରୀ ଯୋଜନାଗୁଡ଼ିକୁ ତଳସ୍ତରରେ ଥିବା ପ୍ରକୃତ ହିତାଧିକାରୀଙ୍କ ପାଖରେ ସଫଳତାର ସହ ପହଂଚାଇବା ପାଇଁ ଆମ ସମସ୍ତଙ୍କ ସଂଯୁକ୍ତ ପ୍ରୟାସ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଅତିଥିମାନେ ହିତାଧିକାରୀମାନଙ୍କ ସହ ସେମାନଙ୍କ ସମସ୍ୟା ଓ ଜୀବନଧାରଣର ମାନ ଅଭିବୃଦ୍ଧି ନେଇ ଆଲୋଚନା କରିଥିଲେ । ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତାର ସଦୁପଯୋଗ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଚିତ୍ରାଣୀ ପଟେଲ, ବ୍ଲକ କାର୍ଯ୍ୟାଳୟ ର ଅଧିକାରୀ, କର୍ମଚାରୀ ବୃନ୍ଦ ଏବଂ ବହୁ ସଂଖ୍ୟାରେ ହିତାଧିକାରୀ ଉପସ୍ଥିତ ଥିଲେ ।

## ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ବେତନଟୀ(ନିପ୍ର): ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ସଭାରେ ସଭାପତିତ୍ୱ କରିଥିଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର । ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅପନ୍ନା ସାହୁ ମଧ୍ୟ ଉପସ୍ଥିତ ଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନେ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସଭାରେ ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନେ ହେଉଛନ୍ତି ବିନତା ବେହେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁକ୍ତପୁର, ଅଞ୍ଜଳି ବେହେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆମ୍ବଯୋଡ଼ା, ମନୋରଞ୍ଜନ ଦାସ ସରକାରୀ ପ୍ରାଥମିକ ବିଦ୍ୟାଳୟ କରପଦା, ଦିଲ୍ଲୀପ କୁମାର ପରିଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଯୁଗଳ ଓ ସୁପ୍ରଭା ମଞ୍ଜରୀ ପରିଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଛୁରିପଡା ସେମାନେ ଗତ ୩୧ ମଇ ୨୦୨୬ ରେ ଅବସର ଗ୍ରହଣ କରିଛନ୍ତି । ସଭାରେ ବକ୍ତାମାନେ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସରଳ ସ୍ୱଭାବ, ମଧୁର ବ୍ୟବହାର ଓ ପରୋପକାରୀ ଗୁଣର ପ୍ରଶଂସା କରିଥିଲେ । ବେତନଟୀ ଅଂଚଳରେ ଆଦର୍ଶ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାବେ ସେମାନେ ବ୍ୟାପକ ପରିଚିତ ଥିଲେ ବୋଲି ଉଲ୍ଲେଖ କରାଯାଇଥିଲା । ତେବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର ପୂର୍ବ ରୁ କିଭଳି ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ଶିକ୍ଷା ପ୍ରଦାନ ପ୍ରତି ଥିବା ସମର୍ପଣ ଭାବ ସମୟାନୁବର୍ତିତା ପିଲାଙ୍କୁ ଜାଣିବାର ମନୋଭାବ କୁ ପ୍ରଶଂସା କରିଥିଲେ । ସଭା ଶେଷରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅପନ୍ନା ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନ କାମନା କରିଥିଲେ । ଏହି ପ୍ରକାର ସମ୍ବର୍ଦ୍ଧନା ସଭା ଶିକ୍ଷକ ସମାଜର ମଧ୍ୟରେ ସମ୍ମାନ ଓ ସହଯୋଗର ଭାବନାକୁ ଆହୁରି ମଜବୁତ୍ କରିବ ବୋଲି ଆଶା କରାଯାଉଛି ।





# ଖଣି ଓ ଇସ୍ପାତ ମନ୍ତ୍ରୀଙ୍କ ଦ୍ୱାରା ଛତ୍ରପୁର ମହୋତ୍ସବ ଉଦ୍‌ଘାଟିତ

ଛତ୍ରପୁର(ନି.ପ୍ର.) : ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା ରାମାୟଣାମ୍ବା ଙ୍କ ଠାକୁରାଣୀ ଯାତ୍ରା ପାଇଁ ଉଠୁଛି ପଡୁଛି ଛତ୍ରପୁର ସହର କ୍ଷ ଜନ ଗହଳି ସାଙ୍ଗକୁ ଆଲୋକ ତୋରଣ ରେ ସୁସଜ୍ଜିତ ସହର କୁ ଅଧିକ ଆକର୍ଷଣୀୟ କରିଛି କ୍ଷ ଏହି ଅବସରରେ ଛତ୍ରପୁରର କଳା, ସଂସ୍କୃତି ଓ ପରମ୍ପରାର ଗରିମାମୟ ଐତିହ୍ୟକୁ ଉଦଜୀବିତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଙ୍କ ତତ୍ତ୍ୱବଧାନରେ ଆୟୋଜିତ ଛତ୍ରପୁର ମହୋତ୍ସବକୁ ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ବିଭିନ୍ନ ବିଭାଗ ସମନ୍ୱୟରେ ଆୟୋଜିତ ପଲ୍ଲିଶ୍ରୀ ମେଳା , ଜିଲ୍ଲା ସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା, ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ଖାଦ୍ୟ ମେଳା ଓ ସୁଭଦ୍ରା ଶକ୍ତି ମେଳାକୁ ମଧ୍ୟ ମନ୍ତ୍ରୀ ଶ୍ରୀ ଜେନା ଉଦଘାଟନ କରିଥିଲେ କ୍ଷ ସେ ବିଭିନ୍ନ ଷ୍ଟଲ ଗୁଡିକ ବୁଲି



ଦେଖିବା ସହିତ ଉତ୍ପାଦକ ଓ ବିକ୍ରୀକର୍ତାଙ୍କ ସହିତ ଆଲୋଚନା କରିଥିଲେ କ୍ଷ ଗଞ୍ଜାମ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ବିବିତା ପାତ୍ର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର ଜେନା ଆଜିର କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗ ଦେଇଥିଲେ ।ଛତ୍ରପୁର ମହୋତ୍ସବର ଭବ୍ୟ ଓ ଦିବ୍ୟ ଆୟୋଜନ ତାସହିତ ମେ ୪ ତାରିଖ ଠାରୁ ଏ ମାଟିର ଆରାଧ ଦେବୀ ମା ରାମାୟାଣାମ୍ବା ଠାକୁରାଣୀଙ୍କ ଯାତ୍ରା ଧୂମଧାମରେ ଚାଲି ଆସିଛି ଏହାକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ଆଜିଠୁ ପଲ୍ଲିଶ୍ରୀ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ , କୃଷି ଯନ୍ତ୍ରପାତି, ଖାଦ୍ୟ ଓ ସୁଭଦ୍ରା ଶକ୍ତି ମେଳା । ତାସହିତ ଆକର୍ଷଣୀୟ ସାମାଜିକ ଓ ସାଂସ୍କୃତିକ ଆୟୋଜନ ହେଉଛି । ମାଛ ଚାଷ ଠାରୁ ଆରମ୍ଭକରି ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ଉତ୍ପାଦ ମୋତେ ଅଭିଭୂତ କରିଛି ବୋଲି ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଗଞ୍ଜାମ ଜିଲ୍ଲାର ପାରମ୍ପରିକ ନୃତ୍ୟ ଓଡିଶୀ, ପାଇକ ଆଖଡ଼ା ଭଳି ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା କ୍ଷ ପରେ ଓଡ଼ିଶାର ସୁନାମଧନ୍ୟ ଗାୟିକା ଅନ୍ତରା ଚକ୍ରବର୍ତୀ ଓ ଅନୁରାଗ ଦାଶଙ୍କ ଗୀତର ଯାଦୁରେ ଦର୍ଶକ ମାନେ ବେଶ ବିଭୋର ହୋଇଥିଲେ କ୍ଷ ସମସ୍ତ କାର୍ଯ୍ୟକ୍ରମ କୁ ଦର୍ଶକ ମାନେ ବେଶ ମନଭରି ଉପଭୋଗ କରିଥିଲେ କ୍ଷ ଏହି ଅବସର ରେ ଛତ୍ରପୁର ର ଦୁଇଜଣ ଯୁବ ପ୍ରତିଭା ଅନ୍ତର୍ଜାତିକ ପାରା ଖେଳାଳି ଭି. ରମେଶ ରାଓ ଓ ଜାତୀୟ ସ୍ତରରେ ବଡ଼ି ବିଲଡିଂ କରି ସୁନାମ ଅର୍ଜନ କରିଥିବା ପୋଲିସ କର୍ମଚାରୀ ବଲାଲ ଖାନ ଙ୍କୁ ସମ୍ମାନିତ କରାଯାଇଥିଲା । ତିନି ତାରିଖରେ ଗଞ୍ଜାମ ଜିଲ୍ଲାକୁ ଦେଶର ଶ୍ରେଷ୍ଠ ଦ୍ୱିତୀୟ ଜିଲ୍ଲାଭାବେ ଜାତୀୟ ପୁରସ୍କାର ମିଳିବ କ୍ଷ ଛତ୍ରପୁର ବ୍ଲକର ପୋଟଲାମପୁର ପଂଚାୟତକୁ ଶ୍ରେଷ୍ଠ ସୁସ୍ଥ ପଂଚାୟତ ଏବଂ ପୋଲସରା ବ୍ଲକ ର ମନ୍ଦାର ପଂଚାୟତକୁ ଶ୍ରେଷ୍ଠ ସାମାଜିକ ନ୍ୟାୟଓ ସାମାଜିକ ସୁରକ୍ଷିତ ପଂଚାୟତ ଭବରେ ସମ୍ବର୍ଦ୍ଧିତ କରାଯିବ ବୋଲି ଜ୍ୱିଲ୍ଲାପାଳ ସୂଚନା ଦେଇଥିଲେ । ପଲ୍ଲୀଶ୍ରୀ ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ହସ୍ତତନ୍ତ, ହସ୍ତଶିଳ୍ପ କାରିଗରମାନେ ନିଜ ନିଜର ଉତ୍ପାଦିତ ଗ୍ରାମୀଣ ଉତ୍ପାଦଗୁଡ଼ିକ ବିକ୍ରି କରିବାର ସୁଯୋଗ ପାଇଛନ୍ତି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଷ୍ଟଲରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ତଥା ଗୋଷ୍ଠୀମାନଙ୍କ ପାଇଁ ଜୀବିକା ବୃଦ୍ଧିର ବିଭିନ୍ନ ଦିଗଗୁଡ଼ିକ ପ୍ରଦର୍ଶନ କରାଯାଇଛି । କୃଷି ଯନ୍ତ୍ରପାତି ମେଳାରେ ଅତ୍ୟାଧୁନିକ କୃଷି ଉପକରଣ ପ୍ରଦର୍ଶନପୂର୍ବକ ଗଞ୍ଜାମ ଜିଲ୍ଲାର ଚାଷୀମାନଙ୍କ ପାଇଁ ଲାଭଦାୟକ ଚାଷ ଉପରେ ଷ୍ଟଲରେ ଯୋଜନାଗୁଡ଼ିକ ପ୍ରଦର୍ଶିତ କରାଯାଇଛି । ଏତଦ୍ ?ବ୍ୟତୀତ ଖାଦ୍ୟ ମେଳାରେ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟ ଯଥା ପିଠା, ପଣା, ମିଷ୍ଟାନ୍ନ ଇତ୍ୟାଦି ସହିତ ବାଲେଶ୍ୱରର ପତ୍ରପୋଡ଼ା ମାଂସ, ବାରିପଦାର ମୁଢ଼ିମାଂସ ଇତ୍ୟାଦି ମିଳୁଛି । ତତ୍ ? ସହିତ ପ୍ରତିଦିନ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ଦେବଦତ ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ ଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ପୋଲିସ ପ୍ରଶାସନ ସହଯୋଗ କରିଥିଲେ । ଏହି ମହୋତ୍ସବ ୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ଗଞ୍ଜାମ ଜିଲ୍ଲା ସବ୍ ଜୁନିଅର ବାଳକ ଓ ବାଳିକା ବକ୍ସର ମାନଙ୍କ ଚୟନ

ବ୍ରହ୍ମପୁର(ନି.ପ୍ର.) : ଚଳିତ ମାସ ୦୮.୦୬.୨୦୨୬ ଠାରୁ ୦୯.୦୬.୨୦୨୬ ପର୍ଯ୍ୟନ୍ତ ହେବାକୁ ଥିବା ସବ୍ ଜୁନିଅର୍ ଅଣ୍ଡର ୧୫ ବାଳକ ଓ ବାଳିକା ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗଞ୍ଜାମ ଜିଲ୍ଲା ବକ୍ସିଂ ସବ୍ ଜୁନିଅର ବାଳକ ଓ ବାଳିକା ବକ୍ସିଂ ଦଳ ଗଠନ କରାଯିବ । ୦୧.୦୧.୨୦୧୨ ଠାରୁ ୩୧.୧୨.୨୦୧୩ ମଧ୍ୟରେ ଯେଉଁ ବକ୍ସର ଜନ୍ମ ହୋଇଥିବେ ସେମାନେ ଯୋଗ ଦେଇ ପାରିବେ । ଚଳିତ ଜୁନ୍ ମାସ ୦୪.୦୬.୨୦୨୬ ସକାଳ ୭.୦୦ ଘ[। ଠାରୁ ୯.୦୦ ଘ[। ସମୟ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ର ବକ୍ସିଂ ଆରେନା ଠାରେ ଚୟନ ହେବ । ଏହି ଚୟନ ଶିବିରରେ ଯୋଗ ଦେବାକୁ ସମସ୍ତ ଗଞ୍ଜାମ ଜିଲ୍ଲାର ଶିକ୍ଷାନୁଷ୍ଠାନ, କ୍ଲବ୍, ବ୍ଲକ୍ ଓ ଆସୋସିଏସନ୍ ର ବକ୍ସର ମାନେ ନିଜର ଜନ୍ମଗତ ପ୍ରମାଣ ପତ୍ର ଓ ଆଧାର କାର୍ଡ, ପାସ୍ ଫୋଟୋ ୩ଟି ସହ ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନ (ଜି ଡି ଏ ଏ) ର ବକ୍ସିଂ ସମ୍ପାଦକ କେ ପ୍ରଭାକର ରାଓ ଓ ଅନ୍ତର୍ଜାତୀୟ ରେଫେରି ତଥା ସ୍ଥାନୀୟ କୋଚ୍ ଶ୍ରୀ ଶିଶିର କୁମାର ପାଣିଗ୍ରାହୀ ଙ୍କ ସହ ଯୋଗାଯୋଗ କରିବା ପାଇଁ (ଜି ଡି ଏ ଏ) ର ସମ୍ପାଦକ ଜେ କାମେଶ୍ୱର ରାଓ ଜଣାଇଛନ୍ତି ।

# ଇନ୍ଦ୍ରମଣି ହାଇସ୍କୁଲରେ ଚୋରି ଘଟଣା ମୂଖ୍ୟ ଅଭିଯୁକ୍ତ ରାତ୍ର ଜଗୁଆଳି ସମେତ ୨ ଅଭିଯୁକ୍ତ ଗିରଫ

ଧାମନଗର(ନି.ପ୍ର.) ଧାମନଗର ଥାନା ର ଚୁଡ଼ାକୁଟି ପଂଚାୟତ ର ଇନ୍ଦ୍ରମଣି ହାଇସ୍କୁଲରେ ହୋଇଥିବା ଏକ ଚୋରି ଘଟଣାର ପୋଲିସ ପର୍ଦ୍ଦାଫାସ କରିଛି । ଏହି ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ସାମଗ୍ରୀଗୁଡ଼ିକୁ ଜବତ କରିଛି । ?ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୦୧.୦୬.୨୦୨୬ ତାରିଖରେ ଇନ୍ଦ୍ରମଣି ହାଇସ୍କୁଲରେ ଚୋରି ହୋଇଥିବା ନେଇ ଥାନାରେ ଏକ ମାମଲା (ନଂ- ୨୪୨/୨୬) ରୁଜୁ ହୋଇଥିଲା । ଭାରତୀୟ ନ୍ୟାୟ ସଂହିତା (ଈଘଝ)ର ଧାରା ୩୩୧(୪) ଓ ୩୦୩(୨) ଅନୁଯାୟୀ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାସ ଘଟଣା ତନାଘନା କରି ୧୨ ଘ[। ମଧ୍ୟରେ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରିବା ସହ ଅଭିଯୁକ୍ତ ଙ୍କୁ ଗିରଫ କରିବାରେ ସଫଳ ହୋଇଚନ୍ତି । ତେବେ ଏହି ଘଟଣା ମୂଖ୍ୟ ରାତ୍ର ଜଗୁଆଳି ସନ୍ତୋଷ ଦାସ ତାଙ୍କର କାମ ରାତ୍ରୀ ଜଗୁଆଳି କିନ୍ତୁ ପ୍ରଧାନଶିକ୍ଷକ ପ୍ରଭାତ ଜେନା କଣ ପାଇଁ ରାତି ଡିୟୁଟି ଦେଉ ନଥିଲେ ତାହା ତଦନ୍ତ କରା ଗଲେ ଅଧିକ



ରହସ୍ୟ ଉନ୍ମୋଚିତ ହୋଇ ପାରିବ ।ତେବେଏହି ଘଟଣାରେ ପୋଲିସ କରଞ୍ଜି ଗୁଣ୍ଡୁପୁରର ମ[ ଓରଫ ଦୀପ୍ତି ରଞ୍ଜନ ବାରିକ, ବିଦ୍ୟାଧରପୁରର ଶମ୍ଭୁନାଥ ଦାସ ଏବଂ କରଞ୍ଜି ଗୁଣ୍ଡୁପୁରର ସନ୍ତୋଷ କୁମାର ଦାସଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୨ ଟି ବ୍ୟାଟେରୀ, ୨ ଟି ଇନଭର୍ଟର ମେସିନ୍, ୨ ଟି ଏଲଇଡି ଟିଭି ମନିଟର, ଗୋଟିଏ ସିସିଟିଭି ହାର୍ଡ ଡିସ୍କ ଓ ଗୋଟିଏ ସିସିଟିଭି ମେସିନ୍ ଜବତ କରାଯାଇଛି । ମଙ୍ଗଳବାର ଦିନ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଏହି କେସ ରେ ଏସ ଆଇ ନାରାୟଣ ନାୟକ ତଦନ୍ତ ଦାଇତ୍ୱ ନେଇଚନ୍ତି ।

# ଜୟ ସଂସ୍କାର ମିଶନ ଭଦ୍ରକଙ୍କ ଦ୍ୱାରା ବୃକ୍ଷରୋପଣ ଓ ମାତୃ, ପିତୃ ପୂଜନ କାର୍ଯ୍ୟକ୍ରମ

ଭଦ୍ରକ, (ନି.ପ୍ର.) ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ଅଧିନସ୍ଥ ଗତ ସୋମବାର ଦିନ ବଳସାହି ହନୁମାନ ମନ୍ଦିର ପରିସର ମଧ୍ୟରେ ଜୟ ସଂସ୍କାର ମିଶନ ଭଦ୍ରକ ଓ ଉକ୍ତ ଗ୍ରାମର ଉମାକାନ୍ତ ମହାଳିକଙ୍କ ପରିବାର ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ଅପରାହ୍ଣ ୬ ଘଟିକା ସମୟରେ ମହାଳିକ ପରିବାର ଦ୍ୱାରା ଆୟୋଜିତ ମାତୃ,ପିତୃ ପୂଜନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରଥମେ ମାତୃପିତୃ ଓ ପରେ ଗୁରୁମାନଙ୍କୁ ଉ□ରୀୟ ସହ ଫୁଲ ଚନ୍ଦନ ଦିଆଯାଇ ପୂଜନ କାର୍ଯ୍ୟ କରାଯାଇଥିଲା । ଉକ୍ତ ସଭାରେ ଶିକ୍ଷାବିତ୍ ଲକ୍ଷ୍ମୀଧର ରାଉତ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଜୟ ସଂସ୍କାର ମିଶନର ସମ୍ପାଦକ ପିତବାସ ପଣ୍ଡା, ଆଜିର ଶିକ୍ଷିତ ଯୁବ ସମାଜ



କିପରି ପଥଭ୍ରଷ୍ଟ ହୋଇ ବୃଦ୍ଧ ପିତାମାତାଙ୍କୁ ଅବହେଳିତ କରୁଛନ୍ତି ତାଙ୍କର ବକ୍ତବ୍ୟ ରଖିଥିଲେ । ପରେ ଶିକ୍ଷାବିତ୍ ଶରତ ଚନ୍ଦ୍ର କୁଣ୍ଡୁ, ରାଜେଶ ମିଶ୍ର, ପ୍ରଦୀପ ବାନାର୍ଜୀ, ସମାଜସେବୀ ଶ୍ରୀକାନ୍ତ ଦାସ, ପ୍ରଭାସ ପଣ୍ଡା, ସୋମନାଥ ମାଝୀ ଓ ଜୟ ସଂସ୍କାର ମିଶନର ସଭାପତି, ଗୀତିକାର ଗଙ୍ଗାଧର ଦେହୁରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଶିକ୍ଷା ହେଉଛି ମଣିଷ ଜୀବନ ମାଲ୍ୟର ପରମଣି ସଦୃଶ୍ୟ, ବିଦ୍ୟାବିହୀନ ମଣିଷ ପଶୁ ସହିତ ସମାନ । ଆଜିର ଶିକ୍ଷାପଦ୍ଧତିରେ ମୂଲ୍ୟବୋଧ ପ୍ରାଚୀନ ଗୁରୁକୁଳ ପରି ନାହି । ପରେ ମୁଖ୍ୟବକ୍ତା, ପ୍ରବଚକ, ସାହିତ୍ୟିକ ତଥା ଦିବ୍ୟଭୂମି ତିହିଡିର ସମ୍ପାଦକ ନିତ୍ୟାନନ୍ଦ ରାଉତ ବିଭିନ୍ନ ଉଦାହରଣ ମାନ ଦେଇ ଆଜିର ଯୁବପିଢୀମାନେ କିପରି ଗୁରୁ ଏବଂ ପିତାମାତାଙ୍କୁ ସମ୍ମାନ ଦେଇ ସମାଜକୁ ଶୃଙ୍ଖଳିତ କରିବେ ସେ ବିଷୟରେ ଆଲୋକପାତ କରିଥିଲେ । ଅତିଥି ପରିଚୟ, ପ□ାୟତ ଡିଗ୍ରୀ କଲେଜର ଅଧ୍ୟାପକ, ଉମାକାନ୍ତ ମହାଳିକ ଦେଇଥିଲାବେଳେ ଧନ୍ୟବାଦ ଦେଇଥିଲେ ବିନୋଦ ନାୟକ । ମ□ ପରିଚାଳନା କରିଥିଲେ ରମାକାନ୍ତ ମହାଳିକ, ବଟକୃଷ୍ଣ ମହାଳିକ, ଶଚୀକାନ୍ତ ମହାଳିକ, ସବିତା ମହାଳିକ ଓ ହରିଶ୍ଚନ୍ଦ୍ର ମହାଳିକ ।

# ‘ନବ ଉତ୍କଳ ଭାରତୀ’ ପତ୍ରିକାର ଲୋକାର୍ପଣ

ଭୁବନେଶ୍ୱର:-ନବୋଦୟ ସାହିତ୍ୟ ସଂସ୍କୃତି ସମିତି ପକ୍ଷରୁ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ସଭାଗୃହରେ ଦିନିକିଆ ଜାତୀୟ ସମ୍ମିଳନୀ ସହିତ ସମିତିର ମୁଖପତ୍ର ‘ନବ ଉତ୍କଳ ଭାରତୀ’ ପ୍ରଥମ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି । ଡ. ଚିତରଞ୍ଜନ ନାହାକଙ୍କ ଦ୍ୱାରା ସମ୍ପାଦିତ ‘ମାତାଙ୍କ ସ୍ମୃତି’ ପୁସ୍ତକର ମଧ୍ୟ ଉନ୍ମୋଚନ କରାଯାଇଥିଲା । ସମିତିର ଅଧ୍ୟକ୍ଷ ଡ. ଅବ୍ଦୁଲ ଉସ୍ମାନ ଖାନ ଉଦଘାଟନ କରିଥିବାବେଳେ ୧୦ଟା ରେ ଉଦଯାପନୀ ସଭା ଆରମ୍ଭ ହୋଇଥିଲା । ସୁଧାଂଶୁବାଳା ସାହୁ ଓ ରୀନା ରାଣୀ ପ୍ରଧାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପ୍ରସ୍ତୁତ ହୋଇଥିବାବେଳେ ଅଞ୍ଜଳି ରାଣୀ ଓଡିଶୀ ନୃତ୍ୟରେ ‘ଦଶାବତାର’ ପ୍ରଦର୍ଶନ କରି ସଭାକୁ ଆକର୍ଷିତ କରିଥିଲେ । ମଂଚାସୀନ ଅତିଥିମାନଙ୍କ ମଧ୍ୟରେ ଡ. ଅଜୟ କୁମାର ପଟ୍ଟନାୟକ, ସୁଦର୍ଶନ ତରାଇ ଓ ନବୀନ ଚନ୍ଦ୍ର ସିଂହ ଉପସ୍ଥିତ ଥିଲେ । ଆରମ୍ଭରେ ସମିତିର ସଂରକ୍ଷକ ଓ ପୂର୍ବତନ କୁଳପତି ଡ. ଦାମୋଦର ମିଶ୍ର ଅତିଥି ମାନଙ୍କ ପରିଚୟ ଦେଇ ଅନୁଷ୍ଠାନର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ । ୨୦୨୬ ବର୍ଷ ପାଇଁ ସମିତି ପକ୍ଷରୁ ଡ. ଅଜୟ କୁମାର ପଟ୍ଟନାୟକଙ୍କୁ ‘ସାହିତ୍ୟ ଶ୍ରୀ’, ସୁଦର୍ଶନ ତରାଇଙ୍କୁ ‘ରାଷ୍ଟ୍ର ଭାଷା ସେବା ସମ୍ମାନ’, ଗଣେଶ ପ୍ରସାଦ ଶର୍ମାଙ୍କୁ ‘ସୃଜନ ଶ୍ରୀ’, ଡ. ଦୁଃଶାସନ ଓଝାଙ୍କୁ ‘ସୃଜନ ଶ୍ରୀ’ ଓ ଆସନସୋଲ୍ ରୁ ଆସିଥିବା ନବୀନ ଚନ୍ଦ୍ର ସିଂହଙ୍କୁ ‘ହିନ୍ଦୀ ଶିକ୍ଷଣ ଶ୍ରୀ’ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରଥମ ପରିଚର୍ଚ୍ଚା ସଭା ପ୍ରାତଃ ୧୧ଟା ରେ ଡ. ସୁଧାଂଶୁ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା । ‘ଭାରତୀୟ ଜ୍ଞାନ ପରମ୍ପରା ଓ ହିନ୍ଦୀ-ଓଡିଆ ସାହିତ୍ୟ’ ବିଷୟରେ ଡ. ସଂଜୟ ଜୟସ୍ୱାଲ, ଡ. ସଂଘମିତ୍ରା ଭଞ୍ଜ ଓ ଡ. ସୁରପ୍ରିୟା ମିଶ୍ର ମତ ପ୍ରକାଶ କରିଥିଲେ । ଦ୍ୱିତୀୟ ଅଧିବେଶନ ପ୍ରୋଫେସର ରବିନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା । ଏହି ସଭାରେ ଡ. ଅଞ୍ଜୁମନ ଆରା, ଡ. ସତ୍ୟନାରାୟଣ ପଣ୍ଡା ଓ ଡ. ରମାକାନ୍ତ ମହାପାତ୍ର ମୁଖ୍ୟ ଭାବେ ଅଂଶ ଗ୍ରହଣ କରିଥିଲେ । ସମାପନ ସଭାରେ ପ୍ରୋଫେସର ଦାମୋଦର ମିଶ୍ର ସମଗ୍ର ଅନୁଷ୍ଠାନର ସାରକଥା ପ୍ରସ୍ତୁତ କରିଥିଲେ । ଏହି ସମ୍ମିଳନୀରେ ଓଡିଶା ସହ ବିଭିନ୍ନ ରାଜ୍ୟରୁ ଆସିଥିବା ସାହିତ୍ୟିକ, ପ୍ରାଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ଅତ୍ୟନ୍ତ ଆଡମ୍ବରପୂର୍ଣ୍ଣ ଭାବରେ ଆୟୋଜନ ହୋଇଥିବା ଏହି କାର୍ଯ୍ୟକ୍ରମରେ ସୁଧାଂଶୁବାଳା ସାହୁ ଏବଂ ରୀନାରାଣୀ ପ୍ରଧାନ ସ୍ୱାଗତ ସଂଗୀତ ଗାନ କରିଥିଲେ । ସୁଶ୍ରୀ ଅଞ୍ଜଳୀରାଣୀ ଦଶାବତାର ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ । ଉପସ୍ଥିତ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଡ. ଅଜୟ କୁମାର ପଟ୍ଟନାୟକ, ସୁଦର୍ଶନ ତରାଇ ଏବଂ ନବୀନ ଚନ୍ଦ୍ର ସିଂହ ପ୍ରମୁଖ ଅତିଥି ଭାବେ ମଂଚ ଗ୍ରହଣ କରିବା ପରେ ପରେ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ହାଓଡା ହିନ୍ଦୀ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦାମୋଦର ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିସ୍ତୃତ ଭାବେ ବୁଝାଇଥିଲେ ।

# ଜଳେଶ୍ୱର ପୌରପରିଷଦ ପକ୍ଷରୁ ସଫେଇ କାର୍ଯ୍ୟରେ ସାଧାରଣ ରେ ସନ୍ତୁଷ୍ଟ

ଜଳେଶ୍ୱର, (ନି.ପ୍ର )ଜଳେଶ୍ୱର ପୌରପରିଷଦ ପକ୍ଷରୁ ସହରରେ ସଫେଇ କାର୍ଯ୍ୟ କରୁଥିବା ପ୍ରତ୍ୟୁଷ ସଂସ୍ଥା ର କର୍ମଚାରୀ ଦୈନିକ ସହର ଝାଡୁ ମାରିବା ସହ ଅଳିଆ ଆବର୍ଜନା କୁ ସଫା କରି ସହର କୁ ସ୍ୱଚ୍ଛ ରଖିଥିବାରୁ ସାଧାରଣ ରେ ସହରବାସୀ ସନ୍ତୋଷ ବ୍ୟକ୍ତ କରିଛନ୍ତି / ସଫେଇ କର୍ମଚାରୀ ମାନେ ଭୋର ସମୟରୁ ପହଂଚି ସହର ସାରା ଝାଡୁ ମାରି ରାସ୍ତା ସ୍ୱଚ୍ଛତା ର ପରିଚୟ ଦେଇଥାନ୍ତି /ସଂସ୍ଥା ପକ୍ଷରୁ ଦୈନିକ ଚାରୋଟି ଟ୍ରାକଟର ଯୋଗେ ଅଳିଆ ଆବର୍ଜନା ସଫା କରି ନେଇଯାନ୍ତି / ସଂସ୍ଥା ର ନିଯୁକ୍ତ ସୁପରଭାଇଜର ଦୈନିକ କାର୍ଯ୍ୟ ତଦାରଖ କରୁଛନ୍ତି / ସୂଚନା ଯୋଗ୍ୟ ଜଳେଶ୍ୱର ପୌର ପରିଷଦ ପକ୍ଷରୁ ଛବିଶ ମସିହା ପାଇଁ ନୂଆ ଟେଣ୍ଡର ଆହ୍ୱାନ କରାଯାଥିଲା /ନିୟମ ଅନୁଯାୟୀ ଟେଣ୍ଡର ପକାଇଥିବା ସଂସ୍ଥା ମାନଂକର କାଗଜ ରେ ତ୍ରୁଟି ଥିବା ଯୋଗୁ ପ୍ରତ୍ୟୁଷ କୁ ମାସେ ପାଇଁ ସହର ସଫେଇ କାର୍ଯ୍ୟ ପାଇଁ ଅନୁମତି ଦିଆଯାଇଛି ।

# ରାଇବଣିଆ ଥାନାରେ ପୁଲିସ ମରୁଡ଼ି

ଜଳେଶ୍ୱର (ନି.ପ୍ର ) ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲାକୁ ଲାଗି ରହିଛି । ଏହି ଥାନା ପରିସରରେ ରହିଛି ୧୩ଟି ପଂଚୟାତର ଶତାଧିକ ଗାଁ । ହେଲେ ସରକାରଙ୍କ ନିୟମ ଅନୁଯାୟୀ, ଆବଶ୍ୟକ ସଂଖ୍ୟକ ପୁଲିସ କର୍ମଚାରୀ ନାହାନ୍ତି । ଫଳରେ ଜନସାଧାରଣ ନ୍ୟାୟ ପାଇବାରୁ ବଂଚିତ ହେଉଥ ?ିବା ଅଭିଯୋଗ ହେଉଛି ।ରାଇବଣିଆ ଥାନାରେ ଜଣେ ଆଇଆଇସି, ଦୁଇ ଜଣ ସବ ଇନ୍ସପେକ୍ଟର, ୫ ଏଏସଆଇ, ଜଣେ ହାବିଲଦାର ଓ ୬ ଜଣ କନଷ୍ଟେବଳ ରହିବା କଥା । ଜଣେ ଆଇଆଇସି, ୨ ଜଣ ଏଏସଆଇ, ୫ କନଷ୍ଟେବଳ ଓ ଜଣେହାବିଲଦାର କାର୍ଯ୍ୟ କରୁଛନ୍ତି । ରାଇବଣିଆ ଥାନା ଅଂଚଳ ସମସ୍ୟା ବହୁଳ ଅଂଚଳ । ପଶ୍ଚିମ ମେଦିନୀପୁର ଜିଲାର ଦାନ୍ତୁନ ଓ ଝାଡ଼ଗ୍ରାମ ଥାନା ଅଂଚଳରେ ଅପରାଧୀ ଅପରାଧ ଘଟାଇଥାଏ । ବ୍ୟାପକ ବାଲି ମାଟି ମୋରମ ଓ କାଠ ଚୋରି ହେଉଥିଲାବେଳେ ବ୍ୟାପକ ଦୁର୍ଘଟଣା, ହିଂସା ଘଟିଆସୁଛି । ସର୍ଦ୍ଦାରବନ୍ଧ, ଶ୍ୟାମନଗର, ଖୁଆଡ଼, କଲମା, ରାଇବଣିଆ, କାଳିକ, ବରଡିହା, ଚମାରଗାଁ, ଶ୍ରୀରାମପୁର, ଓଲମାରା, ମାଙ୍କଡ଼ିଆ,ଖୁଡିଆମାଝୀସାହି ଓ ଦକ୍ଷିଣ ପ୍ରହରାଜପୁର ଇତ୍ୟାଦି ପଂଚାୟତ ରହିଥ ?ିବାବେଳେ ସମଗ୍ର ଜନସଂଖ୍ୟାର ର ୭୫ ଭାଗ ଆଦିବାସୀ । ପୁଣି ଦୁଇ ରାଜ୍ୟ ମଧ୍ୟରେ ଉକ୍ଟ ସୀମା ବିବାଦ ଲାଗି ରହିଛି । ସୁବର୍ଣ୍ଣରେଖା ନଦୀ ସେହି ଅଂଚଳରେ ପ୍ରବାହିତ ହୋଇଥ ?ିବାରୁ ଉପାନ୍ତ ଅଂଚଳର ଲୋକେ ପରସ୍ପର ଅନ୍ୟ ରାଜ୍ୟକୁ ଯାତାୟାତ କରନ୍ତି । ଅନ୍ୟ ପକ୍ଷରେ କୁଶଗଡ଼ କୁ ଫାଣ୍ଡି ଥିବାରୁ ସେଠାରେ ମଧ୍ୟ ଜଣେ ଏଏସ ଆଇ, ୪ ଜଣ କନଷ୍ଟେବଳ ରହିବା ନିୟମ ଥ ?ିବା ବେଳେ ୨ ଜଣ କନଷ୍ଟେବଳ ରହିଛନ୍ତି ଛନ୍ତି । ଫଳରେ ଡକାୟତି, ରାହାଜାନି, ଚୋରି, ଛିନ୍ତାଇ ଇତ୍ୟାଦି ବଢ଼ିଚାଲି ଢ଼ିଚାଲିଛି । ଅତି ଶୀଘ୍ର କର୍ମଚାରୀ ପଦ ପୂରଣ କରାଯିବାକୁ ନିର୍ବାଚିତ ନିର୍ବାଚି ପ୍ରତିନିଧି, ପୂର୍ବତନ ପ୍ରତିନିଧି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ ଦାସ ଓ ସୁକୁମାର ଘୋଷ ଦାବି କରିଛନ୍ତି ।

# ବେଙ୍ଗାଲୁରରୁ ଫେରୁଥିବା ସୋର ଯୁବକ ଟ୍ରେନରୁ ନିଖୋଜ

ସୋର,(ନି.ପ୍ର.) ସୋରର ଜଣେ ଯୁବକ ବେଙ୍ଗାଲୁରକୁ ଚାକିରି କରିବା ପାଇଁ ଯାଇ ନପାଇ ନିରାଶ ହୋଇ ଟ୍ରେନରେ ଫେରୁଥିବା ବେଳେ କେଉଁ ଆଡ଼େ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି । ଉତ୍ତରେଶ୍ୱରର ସ୍ୱର୍ଗତ ଘନଶ୍ୟାମ ଗୁଇଁଙ୍କ ପୁତ୍ର ସାଗର ଗୁଇଁ(୩୪) ଗତ ମେ ମାସରେ ବେଙ୍ଗାଲୁରକୁ ଚାକିରି କରିବା ପାଇଁ ଯାଇ ୨୧ ତାରିଖ ଦିନ ପ୍ରଶାନ୍ତି ଏକ୍ସପ୍ରେସରେ ଘରକୁ ଫେରିଆସୁଥିଲା । ମାତ୍ର ୨୩ ତାରିଖରେ ଟ୍ରେନ ଆସିବା ପରେ ସାଗର ଆସିନଥିଲେ । ପରିବାର ଲୋକେ ବିଭିନ୍ନ ଆଡ଼େ ଖୋଜାଖୋଜି କରିବା ସହିତ ରେଳ ବିଭାଗ ଜିଆରପିରେ ଅଭିଯୋଗ କରିଥିଲେ । ଆଜି ପର୍ଯ୍ୟନ୍ତ ତାଙ୍କ କୌଣସି ପତା ମିଳୁ ନଥିବା ବେଳେ ସାଗରର ଶଳା ରାଇମୋହନ ତାକୁ ଉକ୍ତ ଟ୍ରେନରେ ବସାଇଥିବା ଜଣାଇଛନ୍ତି । ଏ ସଂପର୍କରେ ସାଗରର ମା ଏବଂ ତାର ଭାଇ ସୋର ଥାନାରେ ଅଭିଯୋଗ କରିଛନ୍ତି ।

# ସିଏମ ଟ୍ରଫି ଜୋନସ୍ତରୀୟ ଖୋ ଖୋ ଚମ୍ପିୟନସିପ୍ ଉଦ୍‌ଘାଟିତ
# ୧୫ ଜିଲ୍ଲାର ୬ ଶହ କ୍ରୀଡ଼ାବିତଙ୍କ ଅଂଶଗ୍ରହଣ

ପୁରୀ(ନି.ପ୍ର.) ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ସିଏମ ଟ୍ରଫି ର ଜୋନସ୍ତରୀୟ ଖୋ ଖୋ ଚମ୍ପିୟନସିପ୍ ସୋମବାର ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଗତକାଲି ଅପରାହ୍ଣରେ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ଯ ଅତିଥି ଭାବେ ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ଯୋଗଦେଇ ଓଡ଼ିଶା ସରକାରଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଲକ୍ଷ୍ୟରେ କ୍ରୀଡା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ପୁରୀ ଜିଲ୍ଲାର ଗ୍ରାମାଂଚଳର ପ୍ରତିଭାବାନ କ୍ରୀଡାବିତ ମାନେ ବ୍ଲକରୁ ଆସି ଜିଲ୍ଲାରେ ଭଲ ଖେଳ ପ୍ରଦର୍ଶନ କରି ରାଜ୍ୟ ଓ ଦେଶର ନାମ ଉଜ୍ଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡିଶା ଅଲିମ୍ପିକ ଆସୋସିଏସନର କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ କ୍ରୀଡା ଶୃଙ୍ଖଳା, ଉନ୍ନତ ଚରିତ୍ର ଗଠନ ଓ ସୁସ୍ଥତା ର ପ୍ରତୀକ ହୋଇଥାଏ ।ତେଣୁ ପିଲା ମାନେ କ୍ରୀଡା ପ୍ରତି ମନୋନିବେଶ କରିବା ସହ ଏହି ପ୍ରତିଯୋଗିତାର ପ୍ରତିଯୋଗୀ ମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଥିଲେ ।ଭାରତ ଖୋ ଖୋ ଫେଡେରେସନ ଉପସଭାପତି ଓ ରାଜ୍ଯ ଖୋ ଖୋ ଫେଡେରେସନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରିବା ସହ କହିଲେ ମହାପ୍ରଭୁଙ୍କ ପବିତ୍ର ଭୂମି ରେ ସିଏମ ଟ୍ରଫି ଖୋ ଖୋ ଖେଳର ଦୁଇଟି ଜୋନ ସ୍ତରୀୟ, ସେମିଫାଇନାଲ ଓ ଫାଇନାଲ ପ୍ରତିଯୋଗିତାର ଆୟୋଜନ ଏକ ଗୌରବ ର କଥା ।ଭଲ ଖେଳି ନିଜ ପରିଚୟ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ ।ଖୋ ଖୋ ମୁଖ୍ଯ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ଉପସ୍ଥିତ ରହି କ୍ରୀଡାବିତ ଙ୍କୁ ଉତ୍ସାହିତ କରିଥିଲେ ।ଏହି ଜୋନ ସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ୧୪ ବର୍ଷ ରୁ କମ ବାଳକ ଓ ବାଳିକା ଖେଳାଳୀମାନେ ସାମିଲ ହୋଇଛନ୍ତି । ୧୫ ଟି ଜିଲ୍ଲାରୁ ବାଳକ ବର୍ଗରେ ୩ଶହ ଓ ବାଳିକା ବର୍ଗରେ ୩ ଶହ ସମୁଦାୟ ୬ ଶହ କ୍ରୀଡାବିତ ଅଂଶଗ୍ରହଣ କରିଛନ୍ତି । ୨ ନମ୍ବର ଜୋନରେ କଟକ, ଯାଜପୁର, ବୌଦ୍ଧ, ନୂଆପଡା, ମୟୁରଭଞ୍ଜ, ଖୋର୍ଦ୍ଧା, ସୋନପୁର ଓ ଦେବଗଡ ଜିଲ୍ଲାର ଖୋ ଖୋ କ୍ରୀଡାବିତ ଥିବାବେଳେ ୩ ନମ୍ବର ଜୋନରେ ପୁରୀ, କେନ୍ଦ୍ରାପଡା, କନ୍ଧମାଳ, ଜଗତସିଂହପୁର, ନୟାଗଡ, ଭଦ୍ରକ, ଓ ବାଲେଶ୍ୱର ଜିଲ୍ଲାର କ୍ରୀଡାବିତ ମାନେ ଅଂଶଗ୍ରହଣ କରିଛନ୍ତି । କ୍ରୀଡା ପରିଚାଳନ ପାଇଁ ୨୬ ଜଣ ବୈଷୟିକ ଅଧିକାରୀ ଓ ୬୦ ଜଣ କୋଚ ଓ ମ୍ଯାନେଜର ଖେଳ ପ୍ରଦର୍ଶନରେ ଉପସ୍ଥିତ ରହି ତଦାରଖ କରୁଛନ୍ତି ।ଜୁନ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ଜୋନ ସ୍ତରରେ ଖୋ ଖୋ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଜୁନ ୮ ତାରିଖ ସେମି ଫାଇନାଲ ଓ ୧୦ ତାରିଖ ଫାଇନାଲ ମ୍ୟାଚ ଇଣ୍ଡୋର ଷ୍ଟାଡିୟମ ଏକାଡେମୀରେ ଅନୁଷ୍ଠିତ ହେବ । ସୂର୍ଯ୍ୟନାରାୟଣ ଜେନା, ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର , ରବିନାରାୟଣ ପ୍ରଧାନ, କ୍ରୀଷ୍ଣା କୁମାରୀ ରାୟ,ଅନ୍ନପୂର୍ଣ୍ଣା ରାଉତ, ଧିରେନ୍ଦ୍ର ଦାସଙ୍କ ସମେତ ବହୁ ପ୍ରବନ୍ଧକ, ଟେକ୍ନିକାଲ ଅଫିସର, ଭଲ୍ୟୁ[ର, କୋଚ ଓ ମ୍ଯାନେଜର ଖୋ ଖୋ ଖେଳକୁ ପରିଚାଳନା କରିଛନ୍ତି । ବହୁ ଖୋ ଖୋ କ୍ରୀଡାପ୍ରେମୀ, ଶୁଭେଚ୍ଛୁ, ଦର୍ଶକ ଓ କ୍ରୀଡାବିତ ମାନେ ଉପସ୍ଥିତ ରହି କରତାଳି ଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ ।

# ଓଡ଼ିଶାକୁ ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡସ୍ ପାଇଁ ଚୟନ କରାଯାଇଥିବାରୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି । ମେ' ୨୦୨୬ ମାସରେ ଆୟୋଜିତ 'Month of Solar' ଅଭିଯାନରେ ରାଜ୍ୟର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଥିବା ନେଇ ସୂଚନା ମିଳିଛି । ଓଡ଼ିଶାକୁ 'PM Surya Ghar Excellence Awards' ପାଇଁ ଚୟନ କରାଯାଇଛି । ଯେଉଁଥିରେ ଆମେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ DISCOM ଯାଂଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛୁ । ଏତଦ୍‌ବ୍ୟତୀତ, 'Maximum Vendor Registrations' ବର୍ଗରେ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି । ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଓଡ଼ିଶା ନବୀନ ଶକ୍ତି କ୍ଷେତ୍ରରେ ପରିବେଶ ଅନୁକୂଳ ବିକାଶ ପାଇଁ ସଂକଳ୍ପବଦ୍ଧ ଏବଂ ଏହି ସଫଳତା ଆଗାମୀ ଦିନରେ ରାଜ୍ୟର ଶକ୍ତି କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବା ସହ ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନରେ ମୂଳଦୁଆ ପକାଇବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

# ଜୁନ୍ ୪ରେ କେରଳ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ



ନୂଆଦିଲ୍ଲୀ: ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୪ ତାରିଖ ବେଳକୁ କେରଳ ଛୁଇଁବାର ସମ୍ଭାବନା ରହିଛି । ଏନେଇ ଭାରତୀୟ ପାଣିପାଗ ବିଭାଗ (IMD) ମଙ୍ଗଳବାର ଦିନ ଆକଳନ କରିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ, ଦକ୍ଷିଣ-ପଶ୍ଚିମ ଏବଂ ଦକ୍ଷିଣ-ପୂର୍ବ ଆରବ ସାଗରର କିଛି ଅଂଶ, ଲାକ୍ଷାଦ୍ୱୀପ ଦ୍ୱୀପପୁଞ୍ଜ, କେରଳ ଏବଂ ତାମିଲନାଡୁର କିଛି ଅଂଶ, ଦକ୍ଷିଣ-ପଶ୍ଚିମ, ପଶ୍ଚିମକେନ୍ଦ୍ରୀୟ, ପୂର୍ବକେନ୍ଦ୍ରୀୟ ଏବଂ ଉତର-ପୂର୍ବ ବଙ୍ଗୋପ ସାଗରର କିଛି ଅଂଶ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗରର ଅବଶିଷ୍ଟ ଅଂଶରେ ୪ ତାରିଖ ସୁଦ୍ଧା ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ ରହିଥିବା ନେଇ ପ୍ରକାଶ କରିଛି ଆଇଏମଡି । ଆଇଏମଡି ଅନୁଯାୟୀ, ଚାରି ମାସର ଦକ୍ଷିଣ-ପଶ୍ଚିମ ମୌସୁମୀ ଋତୁରେ ଭାରତ ଏହାର ବାର୍ଷିକ ବର୍ଷାର ପ୍ରାୟ ୭୫-୮୦% ପାଇଥାଏ, ଯାହା ଏହାକୁ କୃଷି ଏବଂ ବ୍ୟାପକ ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ କରିଥାଏ । ଧାନ, ଡାଲି ଏବଂ ତୈଳବୀଜ ଭଳି ପ୍ରମୁଖ ଖରିଫ ଫସଲ ଚାଷ ପାଇଁ ବର୍ଷା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ତେବେ ଏହି ମୌସୁମୀ ବାୟୁର ଆଗମନକୁ ଚାହିଁ ରହିଛନ୍ତି ସଭିଏଁ ।



## ବୈଷୟିକ ଶିକ୍ଷାରେ ଏସ୍‌ସି, ଏସ୍‌ଟି. ଓବିସିଙ୍କ ପାଇଁ ବୃଦ୍ଧି ହେଲା ସଂରକ୍ଷଣ

# ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ସମ୍ପର୍କିତ ନିଷ୍ପତି କାର୍ଯ୍ୟକାରୀ ହେବ । ଆଜି ଏ ସମ୍ପର୍କରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ମେମୋରାଣ୍ଡମ୍ ବା ସ୍ମାରକ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ୍ ୪ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତି ନିଆଯାଇଥିଲା ଏବଂ କ୍ୟାବିନେଟ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ନ୍ୟାୟ ପ୍ରଦାନ ପାଇଁ ପୂର୍ବରୁ ଅନେକ ଉଦ୍ୟମ ଓ ସଂଘର୍ଷ ହୋଇଥିଲେ ମଧ ଏହା ସଫଳ ହୋଇନଥିଲା । ନୂଆ ସରକାର ଆସିବା ପରେ ମାତ୍ର ୨ ବର୍ଷ ଭିତରେ ସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ଓଡିଶାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨.୮୫ ପ୍ରତିଶତ, ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭.୧୩ ପ୍ରତିଶତ । ଶିକ୍ଷାଗତ ଓ ସାମାଜିକ ପଛୁଆ ବର୍ଗଙ୍କ ସଂଖ୍ୟା ଜଣାନଥିଲେ ମଧ ଏହା ଯଥେଷ୍ଟ ଅଧିକ । ସୂଚନାଯୋଗ୍ୟ, ନିଯୁକ୍ତି ଏବଂ BA, BCom, BSc ଭଳି ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି । ଏଥିରେ ଅନୁସୂଚିତ ଜନଜାତିଙ୍କ ପାଇଁ ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ତେବେ, ଇଞ୍ଜିନିୟରିଂ ଓ ମେଡିକାଲ ପରି ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତିଙ୍କ ପାଇଁ ମାତ୍ର ୧୨ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୮ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନଥିଲା । ଯଦି ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ନରହୁଛି, ବା କମ୍ ରହୁଛି, ତେବେ ନିଯୁକ୍ତି କ୍ଷେତ୍ରରେ ସେମାନେ କିପରି ତାଙ୍କର ସଂରକ୍ଷଣ ଅନୁପାତିକ ନିଯୁକ୍ତି ପାଇପାରିବେ ବୋଲି ପ୍ରଶ୍ନ ଉଠୁଥିଲା । ରାଜ୍ୟ କ୍ୟାବିନେଟର ଏହି ନିଷ୍ପତି ପରେ ଦୀର୍ଘ ବର୍ଷ ପରେ, ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ, ଏହି ବର୍ଗର ପିଲାମାନଙ୍କୁ ନ୍ୟାୟ ମିଳି ପାରିଛି । ଏହି ନିଷ୍ପତି ଦ୍ୱାରା ବର୍ତ୍ତମାନ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ହାର ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ପାଇଛି । ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ପୂର୍ବରୁ କୌଣସି ସଂରକ୍ଷଣ ନଥିବା ବେଳେ, ବର୍ତ୍ତମାନ ଏହା ୧୧.୨୫ ପ୍ରତିଶତ ହୋଇଛି । ଏହାଦ୍ୱାରା ଏହି ସବୁ ବର୍ଗର ଛାତ୍ରଛାତ୍ରୀମାନେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଂଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଂଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ୍ ସାଇନସ୍ସେ୍, ଆର୍କିଟେକ୍‌ଚର, ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ ।

## ଡିଆରଡିଓ ଏବଂ ଆଇଏଏଫ୍ ପକ୍ଷରୁ

# ରୁଦ୍ରମ୍-୨ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡି. ଆର. ଡି. ଓ.) ଏବଂ ଭାରତୀୟ ବାୟୁସେନା (ଆଇ. ଏ. ଏଫ୍.) ଏକ ବାୟୁସେନା ବିମାନରୁ ଆକାଶରୁ ଭୂପୃଷ୍ଠ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର ରୁଦ୍ରମ୍-୨ ର ସଫଳ ପରୀକ୍ଷଣ କରିଛନ୍ତି । ସମସ୍ତ ଉପ-ପ୍ରଣାଳୀର ସାମର୍ଥ୍ୟ ପ୍ରତିଷ୍ଠା କରୁଥିବା କଠିନ ଗତିପଥ ସହିତ ଅତ୍ୟଧିକ ମୁକ୍ତ ପରିସ୍ଥିତିରେ ପରୀକ୍ଷଣ କରାଯାଇଥିଲା । ନିକ୍ଷେପ ହେବା ପରେ କ୍ଷେପଣାସ୍ତ୍ର ଏକ ପୂର୍ବନିର୍ଦ୍ଧାରିତ ଲକ୍ଷ୍ୟ ଆଡକୁ ସଠିକ୍ ଭାବେ ଗତି କରିଥିଲା । ଚାନ୍ଦିପୁର ସ୍ଥିତ ଇଂଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇ. ଟି. ଆର) ଦ୍ୱାରା ନିୟୋଜିତ ବିଭିନ୍ନ ରେଞ୍ଜ୍ ଉପକରଣ ଦ୍ୱାରା ଗ୍ରହଣ କରାଯାଇଥିବା ଉଡ଼ାଣ ତଥ୍ୟ ଦ୍ୱାରା ସମସ୍ତ ପରୀକ୍ଷଣ ସମ୍ପୂର୍ଣ୍ଣ ରୂପେ ସଫଳ ହୋଇଥିଲା । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପରୀକ୍ଷାଗାର, ଉଚ୍ଚ ଶକ୍ତି ସାମଗ୍ରୀ ଗବେଷଣା ପରୀକ୍ଷାଗାର, ଅସ୍ତ୍ରଶସ୍ତ୍ର ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ ଏବଂ ଆଇ. ଟି. ଆର. ଭଳି ଅନ୍ୟ ସହଯୋଗୀ ପରୀକ୍ଷାଗାରମାନଙ୍କ ସହଯୋଗରେ ରୁଦ୍ରମ୍-୨କୁ ହାଇଦ୍ରାବାଦର ଗବେଷଣା କେନ୍ଦ୍ର ଇମାରତ୍ ଦ୍ୱାରା ନୋଡାଲ ଡି. ଆର ଡି. ଓ. ପରୀକ୍ଷାଗାର ସହଯୋଗରେ ସ୍ୱଦେଶୀ ଭାବେ ବିକଶିତ କରାଯାଇଛି । ଡେଭଲପମେଂଟ ପ୍ରଡକ୍ସନ୍ ପାର୍ଟନର୍ସ (ଡି. ସି. ପି. ପି.) ସହିତ, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍, ରିଜିଓନାଲ ସେଂଟର ଫର୍ ମିଲିଟାରୀ ଏୟାରୱର୍ଦ୍ଦିନେସ, ମିସାଇଲ୍ ସିଷ୍ଟମ୍ କ୍ୱାଲିଟି ଆସ୍ୟୁରାନ୍ସ ଏଜେନ୍ସି ଏବଂ ଅନ୍ୟାନ୍ୟ ଅନେକ ଶିଳ୍ପ ସଂସ୍ଥା ଏହି ଲକ୍ଷ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି । ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ୍ ସିଂହ ଡି. ଆର୍. ଡି. ଓ., ଆଇ. ଏ. ଏଫ୍., ଡି. ପି. ଏସ୍. ୟୁ., ଡି. ସି. ପି. ପି. ଏବଂ ଶିଳ୍ପ ଜଗତର ପ୍ରୟାସକୁ ପ୍ରଶଂସା କରିଛନ୍ତି । ସେ କହିଥିଲେ ଯେ ଏହି ପରୀକ୍ଷଣଗୁଡ଼ିକ ସ୍ୱଦେଶୀ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାର ବର୍ଦ୍ଧିତ ପରିପକ୍ୱତାକୁ ଦର୍ଶାଉଛି, ଯାହା ଉନ୍ନତ ଅସ୍ତ୍ର ପ୍ରଣାଳୀରେ ଆତ୍ମନିର୍ଭର ଭାରତରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି । ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡି. ଆର ଡି. ଓ. ର ଅଧକ୍ଷ ଏହି ପରୀକ୍ଷଣ ସହ ଜଡ଼ିତ ସମସ୍ତ ଦଳକୁ ପ୍ରଶଂସନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

# ପିଏମ୍ ଗତିଶକ୍ତି ପୋର୍ଟାଲର କାର୍ଯ୍ୟକାରିତା ନେଇ ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ଭୁବନେଶ୍ୱର : ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ରାଜ୍ୟରେ ଭିତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟକାରିତା ନେଇ ମଙ୍ଗଳବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଭିତିଭୂମି ବିକାଶ କ୍ଷେତ୍ରରେ ପିଏମ୍ ଗତିଶକ୍ତି ପୋର୍ଟାଲର ସର୍ବାଧିକ ଉପଯୋଗ କରି ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ତଥା ସମୟ ଅବଧି ମଧରେ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ର ତଥା ରାଜ୍ୟର ବିଭିନ୍ନ ବିଭାଗ ମଧରେ ସମନ୍ୱୟ ରକ୍ଷା କରି ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ଦ୍ରୁତତର କରିବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଲେଯେ ଭିତିଭୂମି ନିର୍ମାଣ ଦିଗରେ ପିଏମ୍ ଗତିଶକ୍ତି ପୋର୍ଟାଲ ଆଗାମୀ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ଓ ତେଣୁ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା, ଆଧୁନିକ ରାସ୍ତା, ସେତୁ ଓ କୋଠାବାଡି ଆଦି ନିର୍ମାଣ କ୍ଷେତ୍ରରେ ଏହି ପୋର୍ଟାଲର ଯୁଗାନ୍ତକାରୀ ସାବ୍ୟସ୍ତ ହେବ । ବୈଠକରେ ରାଜ୍ୟରେ କାର୍ଯ୍ୟକାରି ହେବାକୁ ଥିବା ବିଭିନ୍ନ ଭିତିଭୂମି ପ୍ରକଳ୍ପ, ସଡ଼କ ସରଂଚନା ବହୁମୁଖୀ ସଂଯୋଗ ବ୍ୟବସ୍ଥାର ବିକାଶ ଏବଂ ପିଏମ୍ ଗତିଶକ୍ତି ପୋର୍ଟାଲ ମାଧମରେ ପ୍ରକଳ୍ପଗୁଡ଼ିକର ଉନ୍ନତ ଯୋଜନା ପ୍ରସ୍ତୁତି ଓ ସମନ୍ୱିତ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

# ବସ୍ ଭଡ଼ା ବଢ଼ାଇଲେ ରାଜ୍ୟସରକାର



ଭୁବନେଶ୍ୱର : ରାଜ୍ୟ ସରକାର ପୁଣି ବସ୍ ଭଡ଼ା ବଢ଼ାଇଛନ୍ତି । ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୨ ପଇସା ବଢ଼ିଲା । ସାଧାରଣ ବସ୍ ଭଡ଼ା କିମି ପିଛା ୯୦ ପଇସାରୁ ୯୨ ପଇସାକୁ ବୃଦ୍ଧି ହୋଇଛି । ସେହିପରି ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ହୋଇଛି । ଡିଲକ୍ସ ଭଡ଼ା ୧୩୧ ପଇସାରୁ ୧୩୫ ପଇସାକୁ ବୃଦ୍ଧି ହୋଇଛି । ବସ୍ ଭଡ଼ା ବଢ଼ାଇବା ନେଇ ଦାବି କରିଥିଲା ଘରୋଇ ବସ୍ ମାଲିକ ସଂଘ । ଏସି ଡିଲକ୍ସ ବସ୍ ଭଡ଼ା ୧ଟଙ୍କା ୫୯ପଇସାରୁ ବଢ଼ି ୧ଟଙ୍କା ୬୩ ପଇସା ହୋଇଛି । ସୁପର ଡିଲକ୍ସ ବସ ଭଡ଼ା ୨ଟଙ୍କା ୪୭ ପଇସାରୁ ବଢ଼ି ୨ଟଙ୍କା ୫୩ ପଇସା ହୋଇଛି । ତେଲ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଥର ପାଇଁ ରାଜ୍ୟରେ ବସ୍ ଭଡ଼ା ବଢ଼ାଇଛନ୍ତି ସରକାର । ଦୁଇ ଦିନ ତଳେ ଭଡ଼ା ବୃଦ୍ଧି ପାଇଁ ଦାବି କରିଥିଲେ ଘରୋଇ ବସ୍ ମାଲିକ ସଂଘ । ଭଡ଼ା ବୃଦ୍ଧି ନକଲେ ୧୧ରୁ ବସ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ ।

# ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମରେ ଭାରତର ପ୍ରତିନିଧିତ୍ୱ କଲେ ଓଡ଼ିଶାର ୪ ଛାତ୍ରଛାତ୍ରୀ



ଭୁବନେଶ୍ୱର : ଓଡ଼ିଶାର ବିଦ୍ୟାଳୟ ଶିକ୍ଷା କ୍ଷେତ୍ର ପାଇଁ ଏକ ଗର୍ବର ବିଷୟ ଯେ, ରାଜ୍ୟର ୪ ଜଣ ମେଧାବୀ ଛାତ୍ରଛାତ୍ରୀ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ତଥା ସମଗ୍ର ଦେଶର ନାମ ରଖିଛନ୍ତି । ଜାପାନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଜେନ୍ସି ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ ୨୦୨୬' ରେ ଭାରତର ପ୍ରତିନିଧିତ୍ୱ କରି ଓଡ଼ିଶାର ଚାରି ଜଣ ଛାତ୍ରଛାତ୍ରୀ ସଫଳତାର ସହ ନିଜର ଦଶଦିନିଆ (୨୧ ମେ ରୁ ୩୧ ମେ ୨୦୨୬) ଜାପାନ ଗସ୍ତ ସମାପ୍ତ କରି ଦେଶକୁ ଫେରିଛନ୍ତି । ଏହି ଜାପାନ ଗସ୍ତ ସମୟରେ ଛାତ୍ରଛାତ୍ରୀମାନେ ଜାପାନର ପ୍ରସିଦ୍ଧ ସହର ତୁସୁକୁବା ଏବଂ ଆସାକୁସା ଭ୍ରମଣ କରିବା ସହ 'ଶିବାଉରା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' ଏବଂ 'କାଶିୱା ଜୁନିୟର ଆଣ୍ଡ ସିନିୟର ହାଇସ୍କୁଲ'ରେ ଆୟୋଜିତ ବିଭିନ୍ନ ଶୈକ୍ଷିକ ଏବଂ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧମରେ ଓଡ଼ିଶାର ଚୟନିତ ଛାତ୍ରଛାତ୍ରୀମାନଙ୍କୁ ଜାପାନର ଶୀର୍ଷ ସ୍ତରର ବିଶ୍ୱବିଦ୍ୟାଳୟ ଏବଂ ପ୍ରମୁଖ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ପରିଦର୍ଶନ କରିବାର ଏକ ଅପୂର୍ବ ସୁଯୋଗ ମିଳିଥିଲା । ଏହା ସହିତ ସେମାନେ ଜାପାନର ନୋବେଲ ବିଜେତା ଏବଂ ବିଶିଷ୍ଟ ପ୍ରଫେସରମାନଙ୍କ ବକ୍ତବ୍ୟ ଶୁଣିବା ସହ ଜାପାନର ସମୃଦ୍ଧ ସଂସ୍କୃତି ଓ ଆଧୁନିକ ବୈଜ୍ଞାନିକ ପ୍ରଗତିକୁ ଅତି ନିକଟରୁ ଅନୁଭବ କରିଛନ୍ତି । 'ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ' ହେଉଛି ଏକ ସ୍ୱତନ୍ତ୍ର ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ, ଯେଉଁଥିରେ ଜାପାନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଜେନ୍ସି ପକ୍ଷରୁ ଏସୀୟ ଦେଶଗୁଡ଼ିକର ମେଧାବୀ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପ୍ରାୟ ଏକ ସପ୍ତାହ ପାଇଁ ଜାପାନ ଆମନ୍ତ୍ରଣ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ଭାରତରୁ ଦଶମ, ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୧୫ ବର୍ଷରୁ ଅଧିକ ବୟସର ଯୋଗ୍ୟ ଶିକ୍ଷାର୍ଥୀମାନଙ୍କୁ ଚୟନ କରାଯାଇ ଜାପାନର ଉନ୍ନତ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ସଂସ୍ପର୍ଶରେ ଆସିବାର ସୁଯୋଗ ପ୍ରଦାନ କରାଯାଏ ।

# ସାଇରାଜ ବାହୁଟୁଲେ ଭାରତୀୟ କ୍ରିକେଟ୍ ଦଳର ନୂଆ ସ୍ପିନ୍ ପ୍ରଶିକ୍ଷକ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ସାଇରାଜ ବାହୁଟୁଲେଙ୍କୁ ଭାରତୀୟ କ୍ରିକେଟ୍ ଦଳର ନୂଆ ସ୍ପିନ୍ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଛି । ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ପୂର୍ବରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଜଣେ ପୂର୍ବତନ ଭାରତୀୟ ଅନ୍ତର୍ଜାତୀୟ ଏବଂ ଘରୋଇ କ୍ରିକେଟ୍ କିମ୍ବଦନ୍ତୀ, ସାଇରାଜ ବାହୁଟୁଲେ ଜଣେ ଅଭିଜ୍ଞ ପ୍ରଶିକ୍ଷକ । ସାଇରାଜ ବାହୁଟୁଲେ ଭାରତ ପାଇଁ ଦୁଇଟି ଟେଷ୍ଟ ଏବଂ ଆଠଟି ଦିନିକିଆ ଖେଳିଛନ୍ତି । ସେ ପ୍ରାୟ ଦୁଇ ଦଶନ୍ଧି ଧରି ଘରୋଇ କ୍ରିକେଟ୍ ଖେଳି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ଘରୋଇ କ୍ରିକେଟରେ ଜଣେ ପ୍ରଶଂସନୀୟ ସ୍ପିନର୍ ଏବଂ ଜଣେ ଚମତ୍କାର ବ୍ୟାଟ୍ସମ୍ୟାନ୍ ଥିଲେ । ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ୬୧୭୬ ରନ କରିଥିଲେ ଏବଂ ୬୩୦ ୱିକେଟ୍ ନେଇଥିଲେ । ତାଙ୍କୁ ଘରୋଇ କ୍ରିକେଟରେ ଜଣେ କିମ୍ବଦନ୍ତୀ ଭାବରେ ବିବେଚନା କରାଯାଉଥିଲା । ଜଣେ ଦମଦାର ଖେଳାଳି ହେବା ବ୍ୟତୀତ ସାଇରାଜ ବାହୁଟୁଲେ ଭାରତୀୟ କ୍ରିକେଟ୍‌ର ସବୁଠାରୁ ସମ୍ମାନିତ ପ୍ରଶିକ୍ଷକ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ତାଙ୍କର ପ୍ରଶିକ୍ଷକ ଅଭିଜ୍ଞତା ଘରୋଇ, ବରିଷ୍ଠ ସ୍ତରୀୟ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ବିସ୍ତାରିତ । ଯେଉଁଥିରେ ବିଦର୍ଭ, କେରଳ, ଗୁଜରାଟ ଏବଂ ବଙ୍ଗଳାର ମୁଖ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବା ଅନ୍ତର୍ଭୁକ୍ତ । ସେ ଓଟଖ ଫ୍ରାଂଚାଇଜ୍ ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗସ୍ ସହିତ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଭାବରେ ମଧ କାର୍ଯ୍ୟ କରିଛନ୍ତି ।

# ବୈଭବଙ୍କ ଉପରେ ଷ୍ଟଡି କରିବ ଆଇଆଇଏମ ଇନ୍ଦୋର



ଇନ୍ଦୋର: ଆଇପିଏଲ ୨୦୨୬ରେ ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି । ମାତ୍ର ୧୫ ବର୍ଷ ବୟସରେ ଗୋଟିଏ ଆଇପିଏଲ ସିଜନରେ ୭୨ ଛକା ମାରି ସେ କ୍ରିସ ଗେଲଙ୍କ ରେକର୍ଡ ଭଙ୍ଗ କରିଛନ୍ତି । ଏବେ ଆଇଆଇଏମ ଇନ୍ଦୋର ତାଙ୍କ କେସ ଷ୍ଟଡିରେ ସାମିଲ କରିବାକୁ ଯାଉଛି । ଏଥିରେ କ୍ରୀଡା ମନୋବିଜ୍ଞାନୀ ଅନ୍ୟ ଏକ୍ସପର୍ଟଙ୍କ ସହ ମିଶି କମ ବୟସରେ ଏହି ସଫଳତାର କାରଣ ଖୋଜିବେ । ଆଇଆଇଏମ ଡାଇରେକ୍ଟର ହିମାଂଶୁ ରାୟ ତାଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି । ତେବେ କମ ବୟସରେ ସେ କିଭଳି ଏପରି ସୁନ୍ଦର ପ୍ରଦର୍ଶନ କରୁଛନ୍ତି ତାହା ଉପରେ ଆମ ଗବେଷଣା କରିବୁ । ବ୍ୟକ୍ତିଗତ କ୍ଷମତା, କଠିନ ପରିଶ୍ରମ, ପରିବାରର ତ୍ୟାଗ, ସମର୍ପଣ ଓ ମେଂଟରଙ୍କ ଯୋଗଦାନ ଉପରେ ମଧ ଷ୍ଟଡି କରାଯିବ ବୋଲି ସେ କହିଛନ୍ତି । ବୈଭବ ଆଇପିଏଲ ୨୦୨୬ରେ ସର୍ବାଧିକ ୭୭୬ ରନ ସଂଗ୍ରହ କରିଥିଲେ । ଅରେଞ୍ଜ କ୍ୟାପ ସହ ସେ ୫ ପୁରସ୍କାର ମଧ ଜିତିଛନ୍ତି ।

# ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ

## ଭାରତୀୟ କ୍ୟାମ୍ପରେ ସାମିଲ ହେଲେ ଆକ୍ୱିବ ନବୀ



ନୂଆଦିଲ୍ଲୀ: ଜୁନ ୬ରୁ ମୁଲ୍ଲାଂପୁରରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଟେଷ୍ଟ ମ୍ୟାଚ ଖେଳାଯିବ । ଏଥିପାଇଁ ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତୀୟ ଦଳର ଘୋଷଣା କରାଯାଇଛି । ଜମ୍ମୁ-କଶ୍ମୀରର ପେସ ବୋଲର ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ ମଧ ତାଙ୍କୁ ଚୂଡାନ୍ତ ଦଳରେ ସାମିଲ କରାଯାଇ ନ ଥିଲା । ଏବେ ତାଙ୍କୁ ବ୍ୟାକଅପ ଖେଳାଳି ଭାବେ ଭାରତୀୟ କ୍ୟାମ୍ପରେ ଯୋଗ ଦେବା ପାଇଁ କୁହାଯାଇଛି । ଅଜିତ ଅଗରକର ଅଧକ୍ଷତାରେ ଗଠିତ ଚୟନ କମିଟି ଆକ୍ୱିବଙ୍କ ବଦଳରେ ଗୁରନୂର ବରାରଙ୍କୁ ଦଳରେ ସାମିଲ କରାଯାଇଥିଲା । ଏ ନେଇ କ୍ରିକେଟ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଥିଲେ । ଆକ୍ୱିବ ଆଫଗାନିସ୍ତାନ ବିପକ୍ଷରେ ଖେଳିବେ ବୋଲି ସ୍ଥିର ହୋଇନି । ସେହିପରି ଶ୍ରୀଲଙ୍କା ଗସ୍ତରେ ମଧ ତାଙ୍କୁ ସୁଯୋଗ ମିଳିବ କଷ୍ଟ । ଅକ୍ଟୋବରରେ ଭାରତୀୟ ଟିମ ନ୍ୟୁଜିଲାଣ୍ଡ ଯିବ । ସେଠାକାର ପିଚ ନବୀଙ୍କୁ ସୁହାଇବ ବୋଲି ଅନୁମାନ କରାଯାଉଛି । ଏହାକୁ ଆଖି ଆଗରେ ରଖି ଚୟନ କମିଟି ତାଙ୍କୁ ଟିମ ଇଣ୍ଡିଆ ସହ ଯୋଡିଛନ୍ତି । ଗତ ରଣଜୀ ଟ୍ରଫିରେ ସେ ଜମ୍ମୁ-କଶ୍ମୀରକୁ ଐତିହାସିକ ଟାଇଟଲ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ୧୦ ପ୍ରଥମଶ୍ରେଣୀ ମ୍ୟାଚରେ ୬୦ ୱିକେଟ ଅକ୍ତିଆର କରିଥିଲେ । ଆଇପିଏଲ ୨୦୨୬ ମିନି ନିଲାମରେ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୮.୪୦ କୋଟି ଟଙ୍କାରେ ଦଳରେ ନେଇଥିଲା । ସେ ୫ଟି ମ୍ୟାଚ ଖେଳି ଗୋଟିଏ ବି ୱିକେଟ ହାସଲ କରିପାରି ନ ଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**